ବର୍ଷ-୨୫, ସଂଖ୍ୟା-୨୦୨
ଭୁବନେଶ୍ୱର
୨୯, ଜୁଲାଇ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 202
Bhubaneswar
29, July, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



'ମହାବତାର ନରସିଂହା'କୁ ଜବରଦସ୍ତ ସଫଳତା

# ଲୋକସଭାରେ ଅପରେସନ୍ 'ସିନ୍ଦୂର'କୁ ନେଇ ବିତର୍କ

**ନୂଆଦିଲ୍ଲୀ,୨୮।୭(ମହାଭାରତ):** ଲୋକସଭାରେ ଆଜି ଅପରେସନ 'ସିନ୍ଦୂର' ଉପରେ ସରଗରମ ଆଲୋଚନା ହୋଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଲୋଚନାରେ ଅଂଶଗ୍ରହଣ କରି ଅପରେସନ 'ସିନ୍ଦୂର'ର ସଫଳତା ବଖାଣିଛନ୍ତି। ତେବେ ବିରୋଧୀ ସରକାରଙ୍କୁ ନାନା ପ୍ରଶ୍ନ କରି ଘେରିଛନ୍ତି। ଯୁଦ୍ଧ ବିରତି କାହିଁକି କଲ ? ଏବେ ପିଓକେ ଆଣିବାନି ତ କେବେ ଆଣିବା ? ଏମିତି ଅନେକ ପ୍ରଶ୍ନ କରିଛନ୍ତି ବିରୋଧୀ। ଏହି ସମୟରେ ବିରୋଧୀ ସାଂସଦମାନେ ସରକାରଙ୍କୁ ଟାର୍ଗେଟ କରିବା ସହ ଆମେରିକା ଉପରେ ଯୁଦ୍ଧବିରତି କରିଥିବା ଆରୋପ ଲଗାଇଥିଲେ। ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏହାର ଜବାବ ଦେଇଥିଲେ।





ଗୃହରେ ପ୍ରାରମ୍ଭିକ ହଟ୍ଟଗୋଳ ପରେ ୧୬ ଘଣ୍ଟାର ବିତର୍କ ଆରମ୍ଭ ହୋଇଥିଲା। ଆଲୋଚନା ସମୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ କହିଥିଲେ, ଅପରେସନ 'ସିନ୍ଦୂର'ରେ ଭାରତର ସୈନ୍ୟ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଅଧିକ ଆତଙ୍କୀ, ସେମାନଙ୍କ ହ୍ୟାଣ୍ଡଲର ଏବଂ ପ୍ରଶିକ୍ଷକ ନିପାତ ହୋଇଛନ୍ତି। ଅପରେସନ 'ସିନ୍ଦୂର' ବନ୍ଦ ହୋଇନାହିଁ। ଏହା ସ୍ଥଗିତ ରହିଛି। ଭବିଷ୍ୟତରେ ପାକିସ୍ତାନ ତରଫରୁ କୌଣସି ଆତଙ୍କୀ ଆକ୍ରମଣ ହେଲେ ଏହାକୁ ଆରମ୍ଭ କରାଯିବ। ତେବେ ଆଲୋଚନା କାଳରେ ରାଜନାଥ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମଧ୍ୟରେ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ରାଜନାଥ କହିଥିଲେ, ଭାରତୀୟ ସେନା ଯେତେବେଳେ ପାକିସ୍ତାନ ସୈନ୍ୟ ଠିକଣାଗୁଡ଼ିକୁ ଟାର୍ଗେଟ କଲା ସେତେବେଳେ ପଡ଼ୋଶୀ ଦେଶ ସମ୍ପୂର୍ଣ୍ଣ ହାର୍ ମାନି ସାରିଥିଲା। ଏହା ପରେ ପାକିସ୍ତାନ ତରଫରୁ ଯୁଦ୍ଧବିରତି ପାଇଁ ଗୁହାରି କରାଯାଇଥିଲା। ରାଜନାଥଙ୍କ କଥା ନ ସରୁଣୁ ରାହୁଲ ତୁରନ୍ତ ଆସନରୁ ଉଠି ଆପଣ ଅପରେସନକୁ କାହିଁକି ରୋକିଥିଲେ ବୋଲି ପ୍ରଶ୍ନ କରିଥିଲେ। ରାହୁଲଙ୍କ ମନ୍ତବ୍ୟ ସହିତ ବିରୋଧୀ ସାଂସଦମାନେ ବି ଗୃହରେ ପାଟି କରିଥିଲେ। ତେବେ ରାଜନାଥ କହିଥିଲେ ମୋର ସମ୍ପୂର୍ଣ୍ଣ କଥା ଶେଷ ହେବାକୁ ଦିଅନ୍ତୁ, ମୁ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ରହିଛି। ଏହା ପରେ ରାଜନାଥ କହିଥିଲେ, କାହା ଉପରେ ଅପରେସନ ରୋକାଯାଇଥିଲା ତାହା କହିବା ଭୁଲ। ଭାରତ ଧାର୍ଯ୍ୟ କରିଥିବା ଲକ୍ଷ୍ୟ ହାସଲ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ବନ୍ଦ କରାଯାଇଥିଲା। ଯୁଦ୍ଧ କରିବା ଭାରତର ଉଦ୍ଦେଶ୍ୟ ନ ଥିଲା। ବରଂ ଆତଙ୍କବାଦୀଙ୍କୁ ପ୍ରକ୍ସି ଭଳି ବ୍ୟବହାର କରୁଥିବା ପାକିସ୍ତାନକୁ ଉଚିତ ଶିକ୍ଷା ଦେବା ଲାଗି ଅପରେସନ 'ସିନ୍ଦୂର' ଆରମ୍ଭ କରାଯାଇଥିଲା। ତେବେ ପାକିସ୍ତାନ ଅଧିକୃତ କାଶ୍ମୀର(ପିଓକେ)କୁ କବଜା କରିବା ଲାଗି ଭାରତ ପାଇଁ ଏହା ଉପଯୁକ୍ତ ସମୟ ଥିଲା। ଅପରେସନକୁ ବନ୍ଦ କରାଯିବା ଉଚିତ ନ ଥିଲା। ଏବେ ପିଓକେ ଆଣିବାନି ତ କେବେ ଆଣିବା ବୋଲି ବିରୋଧୀମାନେ ସରକାରଙ୍କୁ ପ୍ରଶ୍ନ କରି ହୋହଲ୍ଲା କରିଥିଲେ।

ବିରୋଧୀଙ୍କ ଦ୍ୱାରା ଉଠାଯାଇଥିବା ଯୁଦ୍ଧବିରତି ଦାବିର ଜବାବ ଦେଇଛନ୍ତି ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର।ଲୋକସଭାରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତି ଅଛି।ଆମେ ତୁରନ୍ତ ବହୁତ କଠୋର ପଦକ୍ଷେପ ନେଇଥିଲୁ।କିନ୍ତୁ ଯୁଦ୍ଧବିରତି ଲାଗି କୌଣସି ଦେଶ ମଧ୍ୟସ୍ଥତା କରିନଥିଲେ ବୋଲି ସେ କହିଥିଲେ। ଜୟଶଙ୍କର କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କୌଣସି ଭୂମିକା ନାହିଁ। ଏପରିକି ଏପ୍ରିଲ ୨୨ ରୁ ଜୁନ ୧୭ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଟ୍ରମ୍ପଙ୍କ ମଧ୍ୟରେ କୌଣସି ଆଲୋଚନା ହୋଇନଥିଲା। ଏପ୍ରିଲ ୨୨ରେ ପହଲଗାମ ଆକ୍ରମଣ ପରେ ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହୋଇଥିଲେ ଏବଂ ଜୁନ ୧୭ ରେ ଉଭୟ ମୋଦୀଙ୍କ କାନାଡା ଗସ୍ତ ସମୟରେ ଫୋନରେ କଥା ହୋଇଥିଲେ।

କଂଗ୍ରେସ ସାଂସଦ ଗୌରବ ଗୋଗୋଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣ ବିଷୟରେ ସୂଚନା ଲୁଚାଇବାର ଅଭିଯୋଗ ଆଣିଛନ୍ତି। 'ରାଜନାଥ ସିଂହ ଜୀ ବହୁତ ସୂଚନା ଦେଇଥିଲେ, କିନ୍ତୁ ପ୍ରତିରକ୍ଷା ମନ୍ତ୍ରୀ ଭାବରେ ସେ କେବେ କହି ନଥିଲେ ଯେ ପାକିସ୍ତାନରୁ ଆତଙ୍କବାଦୀମାନେ ପହଲଗାମରେ କିପରି ପହଞ୍ଚି ୨୬ ଜଣଙ୍କୁ ହତ୍ୟା କଲେ...'। ସେ କହିଥିଲେ, 'ରାଜନାଥ ସିଂହ ଜୀ ବହୁତ ସୂଚନା ଦେଇଥିଲେ, କିନ୍ତୁ ପ୍ରତିରକ୍ଷା ମନ୍ତ୍ରୀ ଭାବରେ ସେ କେବେ କହି ନଥିଲେ ଯେ ପାକିସ୍ତାନରୁ ଆତଙ୍କବାଦୀମାନେ ପହଲଗାମରେ କିପରି ପହଞ୍ଚି ୨୬ ଜଣଙ୍କୁ ହତ୍ୟା କଲେ... ଜାତୀୟ ସ୍ୱାର୍ଥ ପାଇଁ ଏହି ପ୍ରଶ୍ନ ପଚାରିବା ଆମର କର୍ତ୍ତବ୍ୟ।' ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଦ୍ୱାରା ପାକିସ୍ତାନ ବିରୁଦ୍ଧରେ ଆରମ୍ଭ କରାଯାଇଥିବା ଅପରେସନ ସିନ୍ଦୂରର ବିବରଣୀ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସେୟାର କରିବା ପରେ କଂଗ୍ରେସ ସାଂସଦ ଗୌରବ ଗୋଗୋଇ ତାଙ୍କ ଉପରେ ମୌଳିକ ପ୍ରଶ୍ନର ଉତ୍ତର ନ ଦେବାର ଅଭିଯୋଗ କରିଥିଲେ। ଲୋକସଭାରେ କଂଗ୍ରେସର ଉପନେତା ଗୋଗୋଇ କହିଛନ୍ତି, 'ଏହା ସୂଚନା ଯୁଦ୍ଧର ଯୁଗ।

## ଇତିହାସ ରଚିଲେ ଦିବ୍ୟା ଦେଶମୁଖ



ନୂଆଦିଲ୍ଲୀ, ୨୮।୭(ମହାଭାରତ): ଭାରତର ୧୯ ବର୍ଷୀୟା ଚେସ୍ ପ୍ରତିଭା ଦିବ୍ୟା ଦେଶମୁଖ ଋଓଉର ମହିଳା ଚେସ୍ ବିଶ୍ୱକପ ୨୦୨୫ର ଫାଇନାଲରେ ବିଜୟୀ ହୋଇ ଇତିହାସ ସୃଷ୍ଟି କରିଛନ୍ତି । ସେ ଫାଇନାଲରେ ଭାରତର ଅନ୍ୟତମ ଅଭିଜ୍ଞ ଖେଳାଳି କୋନେରୁ ହମ୍ପିଙ୍କୁ ପରାସ୍ତ କରି ଏହି ଗୌରବ ଅର୍ଜନ କରିଛନ୍ତି । ଏହି ବିଜୟ ସହ ସେ ବିଶ୍ୱ ଚେସ୍ ଚାମ୍ପିୟନ୍ ହେବାରେ ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି ।

ଫାଇନାଲକୁ ଦିବ୍ୟାଙ୍କ ଯାତ୍ରା ବେଶ୍ ଚମତ୍କାର ରହିଥିଲା । ସେ ସେମିଫାଇନାଲରେ ପୂର୍ବତନ ବିଶ୍ୱ ଚାମ୍ପିୟନ୍ ଚୀନର ଟାନ୍ ଝୋଙ୍ଗିଙ୍କୁ ୧.୫-୦.୫ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ । ଏହି ବିଜୟ ପରେ ସେ ଫିଡେ ମହିଳା ବିଶ୍ୱକପ୍ ଫାଇନାଲରେ ପହଞ୍ଚିବାରେ ପ୍ରଥମ ଭାରତୀୟ ହୋଇପାରିଥିଲେ । ଏହାସହ ସେ ଆସନ୍ତା ବର୍ଷ ହେବାକୁ ଥିବା କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି । କ୍ୱାର୍ଟର ଫାଇନାଲରେ ଦିବ୍ୟା ଚୀନର ଦ୍ୱିତୀୟ ସିଡ୍ ଖେଳାଳି ଜୁ ଜିନର ଏବଂ ଭାରତର ଗ୍ରାଣ୍ଡମାଷ୍ଟର ହାରିକା ଦ୍ରୋଣାଭଲ୍ଲୀଙ୍କୁ ପରାସ୍ତ କରିଥିଲେ । ଏଥରକ ମହିଳା ବିଶ୍ୱକପରେ ପ୍ରଥମ ଥର ପାଇଁ ଅଲ୍-ଇଣ୍ଡିଆନ୍ ଫାଇନାଲ୍ ଦେଖିବାକୁ ମିଳିଥିଲା, ଯେଉଁଥିରେ ଦିବ୍ୟା ଦେଶମୁଖ ଏବଂ କୋନେରୁ ହମ୍ପି ମୁହାଁମୁହିଁ ହୋଇଥିଲେ । ଦୁଇ ଭାରତୀୟ ଖେଳାଳି ଫାଇନାଲରେ ପହଞ୍ଚିବା ଭାରତୀୟ ଚେସ୍ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଥିଲା । ଜର୍ଜିଆର ବାଟୁମିଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଦିବ୍ୟା ଆରମ୍ଭରୁ ଚମତ୍କାର ଖେଳ ପ୍ରଦର୍ଶନ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ । ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି ।

# ପହଲଗାମ ମାଷ୍ଟରମାଇଣ୍ଡ ନିପାତ୍



**ଶ୍ରୀନଗର,୨୮।୭(ମହାଭାରତ):** ସଫଳ ହେଲା ଭାରତୀୟ ସେନାର ଅପରେସନ ମହାଦେବ। ନିପାତ ୩ଆତଙ୍କବାଦୀଙ୍କ ମଧ୍ୟରେ ଥିଲା ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ। ଜମ୍ମୁ ଏବଂ କଶ୍ମୀରରେ ଆଜି ସେନା ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇ ୩ଜଣ ଆତଙ୍କୀଙ୍କ ଜୀବନ ଯାଇଥିବା ନେଇ ଖବର ମିଳିଥିଲା। ଏବେ ୩ଆତଙ୍କୀ ମଧ୍ୟରେ ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଲସ୍କର-ଏ-ତୈବା (ଏଲଇଟି)ର ଶୀର୍ଷ କମାଣ୍ଡର ହାଶିମ ମୂସା ଥିବା ଜଣାପଡିଛି। ହାଶିମ ପୂର୍ବରୁ ଜଣେ ପାକିସ୍ତାନୀ ସେନା ସୈନିକ ଭାବେ କାମ କରୁଥିଲା। ଏହି ଏନକାଉଣ୍ଟର ଆଜି ଶ୍ରୀନଗରର ଲିଡବାସ ଅଞ୍ଚଳରେ ହୋଇଥିଲା।

ହାଶିମ ମୂସାକୁ କେବଳ ପହଲଗାମ ଆକ୍ରମଣର ଷଡଯନ୍ତ୍ରକାରୀ ଭାବରେ ବିବେଚନା କରାଯାଉନଥିଲା, ବରଂ ସେ ସୋନମାର୍ଗ ସୁଡ଼ଙ୍ଗ ଆକ୍ରମଣ ପାଇଁ ମଧ୍ୟ ଦାୟୀ ଥିଲା। ସୋନମାର୍ଗର ଜେଡ୍-ମୋଡ଼୍ ଟନେଲ୍ ନିକଟରେ ହୋଇଥିବା ଆକ୍ରମଣରେ ୬ଜଣ ଶ୍ରମିକ ଏବଂ ଜଣେ ଡାକ୍ତରଙ୍କ ସମେତ ସାତ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣ ମଧ୍ୟ ଲସ୍କର ସହିତ ଜଡିତ ଆତଙ୍କବାଦୀମାନେ କରିଥିଲେ। ଏଥିରେ ହାଶିମ ମୂସା ମଧ୍ୟ ସାମିଲ ଥିଲା।

ପହଲଗାମ ନରସଂହାରରେ ସାମିଲ ଥିବା ୩ ସନ୍ଦିଗ୍ଧ କୁଖ୍ୟାତ ଆତଙ୍କବାଦୀ ସଫା। ଅପରେସନ ମହାଦେବ ବଳରେ ୩ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି ଭାରତର ବୀର ଯବାନ। ଜମ୍ମୁ-କଶ୍ମୀରର ଶ୍ରୀନଗରର ଦୀର୍ଘ ସମୟର ଜୋରଦାର ଗୁଳି ବିନିମୟ ଓ ଛକାପଞ୍ଝା ପରେ ସୁରକ୍ଷାକର୍ମୀଙ୍କ ଏପରି ସଫଳତା ମିଳିଛି। ଶ୍ରୀନଗରର ଲିଡୱାସ ସ୍ଥିତ ମହାଦେବ ପାହାଡ ନିକଟରେ କିଛି ବିଦେଶୀ ଆତଙ୍କବାଦୀ ଲୁଚି ରହିଥିବା ଖବର ମିଳିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଅପରେସନ ଆରମ୍ଭ ହୋଇଥିଲା। ଏହାର ନାଁ ଅପରେସନ ମହାଦେବ ରଖା ଯାଇଥିଲା। ଅପରେସନ ମହାଦେବରେ ସେନା, ଜମ୍ମୁ-କଶ୍ମୀର ପୁଲିସ୍ ଓ ସିଆରପିଏଫ ଯବାନ ସାମିଲ ହୋଇଥିଲେ।ଏହାର ଦୁଇ ଦିନ ପୂର୍ବରୁ ଡାଚିଗାମ ଜଙ୍ଗଲରେ ସନ୍ଦିଗ୍ଧ ଯୋଗାଯୋଗକୁ ସ୍ଥଳ ସେନା ଟ୍ରାକ କରିଥିଲା। ଏହାପରେ ଆଜି ମହାଦେବ ପାହାଡ ନିକଟରେ ବିଦେଶୀ ଆତଙ୍କବାଦୀ ଲୁଚି ଥିବା ଖବର ମିଳିବା ପରେ ଅପରେସନ ଆରମ୍ଭ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର କିଛି ଲୋକ ମଧ୍ୟ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସେନାକୁ ଖବର ଦେଇଥିଲେ। ଏହି ସବୁ ଖବରକୁ ଏକାଠି କରି ଆଜି ସକାଳୁ ହରୱାପନର ମୁଲନାର ଅଞ୍ଚଳରେ ଅପରେସନ ମହାଦେବ ଆରମ୍ଭ ହୋଇଥିଲା। ଆତଙ୍କବାଦୀ ଲୁଚି ରହିଥିବା ସ୍ଥାନକୁ ସୁରକ୍ଷାକର୍ମୀ ଘେରାବନ୍ଦୀ କରୁଥିବା ବେଳେ ଆରମ୍ଭ ହୋଇଥିଲା ଗୁଳି ବିନିମୟ। ଆତଙ୍କବାଦୀଙ୍କ ଗୁଳିମାଡର ଜବାବ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଦିଆଯାଇଥିଲା। ଦୀର୍ଘ ସମୟ ଧରି ଚାଲିଥିବା ଏନକାଉଣ୍ଟରେ ୩ ଜଣ ଆତଙ୍କୀ ନିହତ ହୋଇଛନ୍ତି।

### ଟ୍ରମ୍ପଙ୍କ ଘୋଷଣା

# ବିଶ୍ୱବ୍ୟାପୀ ଟାରିଫ ୧୫ରୁ ୨୦% ହେବ

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଯେ, ଯେଉଁ ଦେଶମାନଙ୍କ ସହ ଆମେରିକାର ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ନାହିଁ, ସେମାନଙ୍କ ପାଇଁ ଏକ ବିଶ୍ୱବ୍ୟାପୀ ଟାରିଫ ୧୫ରୁ ୨୦ ପ୍ରତିଶତ ମଧ୍ୟରେ ନିର୍ଦ୍ଧାରଣ କରାଯିବ। ଟ୍ରମ୍ପ ନିଜର ଟ୍ରୁଥ ସୋସିଆଲ ଆକାଉଣ୍ଟ ଓ ହ୍ୱାଇଟ ହାଉସ ୟୁଟ୍ୟୁବ ଚ୍ୟାନେଲରେ ପୋଷ୍ଟ ହୋଇଥିବା ଏକ ଭିଡିଓରେ କହିଛନ୍ତି, ବିଶ୍ୱ ପାଇଁ ଟାରିଫ ୧୫ରୁ ୨୦% ମଧ୍ୟରେ ହେବ, ସମ୍ଭବତଃ ଏହି ଦୁଇ ସଂଖ୍ୟା ମଧ୍ୟରୁ ଗୋଟିଏ। ଏହି ଘୋଷଣା ୧ ଅଗଷ୍ଟ ଡେଡଲାଇନ ପୂର୍ବରୁ ଆସିଛି, ଯେତେବେଳେ ଟ୍ରମ୍ପ ଦେଶମାନଙ୍କୁ ୱାଶିଂଟନ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସ୍ତାବ ଚଳିତ ବର୍ଷ ଆରମ୍ଭରେ ଘୋଷିତ ୧୦% ଟାରିଫକୁ ବୃଦ୍ଧି କରିବ। ଟ୍ରମ୍ପ କହିଛନ୍ତି, ଆମେ ପ୍ରତ୍ୟେକ ଦେଶ ସହ ଅଲଗା ଚୁକ୍ତି କରିପାରିବୁ ନାହିଁ ୨୦୦ଟି ଚୁକ୍ତି କରିବା ସମ୍ଭବ ନୁହେ ସେ ସ୍ପଷ୍ଟ କରିଛନ୍ତି ଯେ, ଏହି ଯୋଜନା ଦେଶମାନଙ୍କୁ ଦଣ୍ଡିତ କରିବା ପାଇଁ ନୁହେଁ, ବରଂ ଆମେରିକାର ବାଣିଜ୍ୟ ନୀତିକୁ ସରଳୀକରଣ କରିବା ପାଇଁ।



ଟ୍ରମ୍ପ ଜଣାଇଛନ୍ତି ଯେ, ଆମେରିକା ଜାପାନ, ଇଣ୍ଡୋନେସିଆ ଓ ଫିଲିପାଇନ୍ସ ସହ ସମ୍ପ୍ରତି ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିଛି ସେ କହିଛନ୍ତି, ଜାପାନ ଆମ କାର ଓ ଚଉଳ ପାଇଁ ବଜାର ଖୋଲିଛି ଫିଲିପାଇନ୍ସ ବନ୍ଦ ଥିଲା, ଏବେ ଖୋଲା ହୋଇଛି ଚଇନା ସହ ଆଲୋଚନା ଚାଲିଛି ଏବଂ ଆମେରିକୀୟ ପଣ୍ୟ ପାଇଁ ଅଧିକ ବଜାର ପ୍ରବେଶ ଆଶା କରାଯାଉଛି ଜାପାନୀ ଆମଦାନୀ ପାଇଁ ୧୫ ପ୍ରତିଶତ ଟାରିଫ ନିର୍ଦ୍ଧାରଣ ହୋଇଛି ଏବଂ ଇଉରୋପୀୟ ସଂଘର ଅଧିକାଂଶ ପଣ୍ୟ ପାଇଁ ସମାନ ହାର ଲାଗୁ ହେବ। ଟ୍ରମ୍ପ ଆମେରିକୀୟ ଉତ୍ପାଦକଙ୍କ ଚିନ୍ତାକୁ ସମ୍ବୋଧିତ କରି କହିଛନ୍ତି, ଆମେରିକା ବିଶ୍ୱବ୍ୟାପୀ ଆମଦାନୀ ଉପରେ ନିର୍ଭରଶୀଳ, କିନ୍ତୁ ଦେଶୀୟ ଉତ୍ପାଦନ ବୃଦ୍ଧି ପାଇଁ କାର୍ଯ୍ୟ କରୁଛି ।

## ଗୋପାଳପୁର ଗଣବଳାତ୍କାର ମାମଲାରେ ଚାର୍ଜଶିଟ୍ ଦାଖଲ

ଗୋପାଳପୁର, ୨୮।୭: ଗୋପାଳପୁର ଗଣବଳାତ୍କାର ମାମଲାରେ ସୋମବାର ଚାର୍ଜଶିଟ୍ ଦାଖଲ ହୋଇଛି। ଏସଡିଜେଏମ୍‌ଙ୍କ କାର୍ଯ୍ୟାଳୟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୫୭୪ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରାଯାଇଥିବା ସୂଚନା ମିଳିଛି।ଅନ୍ୟପକ୍ଷରେ ଗୋପାଳପୁର ଗଣବଳାତ୍କାର ମାମଲାରେ ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ କରାଯାଇଥିଲା। ଗୋପାଳପୁର ବେଳାଭୂମିରେ ହୋଇଥିବା ଗଣବଳାତ୍କାର ମାମଲାରେ ନିଜ ଆଡୁ ମାମଲା ରୁଜୁ କରିଥିଲା ଏନ୍‌ଏଚ୍‌ଆର୍‌ସିଂ ୨ ସପ୍ତାହ ଭିତରେ ରିପୋର୍ଟ ଦେବାକୁ ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଥିଲା।

# କମୁଛି ବନ୍ୟା ଦାଉ

ଭୁବନେଶ୍ୱର, ୨୮।୭(**ମହାଭାରତ**): ରାଜ୍ୟର ୭ଟି ଜିଲ୍ଲାରେ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି। ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ, ସୁନ୍ଦରଗଡ ଜିଲ୍ଲାର ଅନେକ ବ୍ଲକ ଜଳବନ୍ଦୀ ହୋଇଯାଇଛି । ତଳିଆ ଅଞ୍ଚଳରେ ପାଣି ପଶି ଲୋକ ହନ୍ତସନ୍ତ ହେଉଛନ୍ତି । ଜୀବନ ଜୀବିକା ସବୁ କିଛି ପ୍ରଭାବିତ ହୋଇଛି । କାହା ଘର ବୁଡିଯାଇଛି ତ ଆଉ କାହାର ଫସଲ ଉଜୁଡିଯାଇଛି ।



ଅଣ୍ଟାଏ ପାଣିରେ ପଶି ଲୋକ ଯାତାୟାତ କରୁଛନ୍ତି । ବିଦ୍ୟାଳୟରେ ପାଣି ପଶିବାରୁ ପିଲା ପାଠ ପଢ଼ିବାକୁ ଯାଇପାରୁନାହାନ୍ତି । ଚିକିତ୍ସା ପାଇଁ ରୋଗୀଙ୍କୁ ଖଟିଆ କି ଭାରରେ ବୁହା ହେଉଥିବାର ଦୃଶ୍ୟ ବି ଦେଖିବାକୁ ମିଳୁଛି । କେବେ ପାଣି ଛାଡିବ ଜୀବନ ବଞ୍ଚିବା ସ୍ୱାଭାବିକ ହେବ ତାକୁ ଅନେଇ ବସିଛନ୍ତି ବନ୍ୟା ବିପନ୍ନ ।

ଗତକାଲି ସୁବର୍ଣ୍ଣରେଖାରେ ବନ୍ୟା ଆସିଛି । ଏବେ ହ୍ରାସ ପାଇ ୯.୮୦ ମିଟର ଅଛି । ଯାହା ବିପଦ ସଂକେତ ତଳେ । ଅପରାହ୍ନରେ ସତର୍କ ସଂକେତ ତଳକୁ ବି ପଳେଇବ । ତେବେ ପାଣି ନିଷ୍କାସନ ହେବାକୁ ସମୟ ଲାଗିବ। ଜଳକା ସତର୍କ ସଂକେତ ପାଖାପାଖି ଅଛି । ବୈତରଣୀ ଆଖୁଆପଦା ଠାରେ ବିପଦ ସଂକେତ ତଳେ ଅଛି । ଭଦ୍ରକ ଓ ଯାଜପୁରରେ ଆଉ ବନ୍ୟା ସ୍ଥିତି ନାହିଁ ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି। ତଳିଆ ଅଞ୍ଚଳରୁ ପାଣି ଧୀରେ ଧୀରେ ବାହାରିବ । କୌଣସି ସ୍ଥାନରେ ଘାଇ ହୋଇନି ।କେବଳ ମୟୁରଭଞ୍ଜ ରାସଗୋବିନ୍ଦପୁର ବ୍ଲକର ଲେଦାର ଜମ୍ବିରା ଠାରେ ଏକ ଘାଇ ହୋଇଥିଲା । ହୀରାକୁଦରେ ୨୦ ଗେଟ ଦେଇ ଜଳ ନିଷ୍କାସନ ହେଉଛି । ୩.୧୭ ଲକ୍ଷ କ୍ୟୁସେକ ପ୍ରବେଶ କରି ୩.୪୫ ଲକ୍ଷ କ୍ୟୁସେକ ନିଷ୍କାସନ ହେଉଛି । ଏହା ମୁଣ୍ଡଳୀରେ ୫.୧୮ ଲକ୍ଷ କ୍ୟୁସେକ ପ୍ରଭାବିତ ହେଉଛି । ଯାହା ବନ୍ୟା ନୁହେଁ । ବ୍ରାହ୍ମଣୀ ରେଙ୍ଗାଲିର ତିନୋଟି ଗେଟ ଦେଇ ଜଳ ନିଷ୍କାସନ ହେଉଛି । ଯାହା ହ୍ରାସ ପାଉଛି । ବ୍ରାହ୍ମଣୀ ଜେନାପୁରରେ ବି ବିପଦ ସଂକେତ ତଳେ ଅଛି । ବୁଢ଼ାବଳଙ୍ଗକୁ ବି ବିପଦ ନାହିଁ । ସୁବର୍ଣ୍ଣରେଖା ବନ୍ୟା ଯୋଗୁଁ ଚାରୋଟି ବ୍ଲକ ଯେପରି ଜଳେଶ୍ୱର, ଭୋଗରାଇ, ବସ୍ତା ବାଲିପାଳ ପ୍ରଭାବିତ ହୋଇଛି । ଜଣେ ସର୍ବୋଚ୍ଚ ଯନ୍ତ୍ରୀ ବାଲେଶ୍ୱରରେ ରହି ବନ୍ୟା ସ୍ଥିତି ନିରୀକ୍ଷଣ କରୁଛନ୍ତି। ଭଦ୍ରକର ଧାମନଗର, ତିହିଡ଼ି ଓ ଯାଜପୁରର ଦଶରଥପୁରରେ ପାଣି ପଶିଥିଲା । ଆଖୁଆପଦା ଠାରେ ବିପଦ ସଂକେତ ତଳକୁ ଆସିବା ପରେ, ଧୀରେ ଧୀରେ ସ୍ଥିତି ସାମାନ୍ୟ ହେଉଛି ବୋଲି ସେ ସୂଚନା ଦେଇଛନ୍ତି ।

## ପ୍ରଳୟ-୬ର ସଫଳ ଉତ୍କ୍ଷେପଣ

ଭୁବନେଶ୍ୱର, ୨୮।୭(ମହାଭାରତ): ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ପ୍ରଳୟ-୬ର ସଫଳ ଉତ୍କ୍ଷେପଣ କରାଯାଇଛି। ଆଜି ସକାଳ ୯.୪୫ରେ ଅବଦୁଲ କଲାମ ଆଇଲାଣ୍ଡରୁ ଉତ୍କ୍ଷେପଣ କରାଯାଇଛି। ଡିଆରଡିଓ ଦ୍ୱାରା ବିକଶିତ ଏହି କ୍ଷେପଣାସ୍ତ୍ରର ୧୫୦ରୁ ୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କ୍ଷମତା ରହିଛି। ଅତ୍ୟାଧୁନିକ ନାଭିଗେସନ ସିଷ୍ଟମ ସହ ଭୂପୃଷ୍ଠରୁ ଏହା ଟାର୍ଗେଟ୍ କରିଥାଏ। ଏହି ସଫଳ ଉତ୍କ୍ଷେପଣ କେବଳ ଭାରତର କ୍ଷୁଦ୍ର-ଦୂରବର୍ତ୍ତୀ ଆକ୍ରମଣ କ୍ଷମତାକୁ ସୁଦୃଢ଼ କରେ ନାହିଁ ବରଂ ସ୍ୱଦେଶୀ କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟାରେ ମଧ୍ୟ ଏକ ବଡ଼ ସଫଳତା ପ୍ରତିରକ୍ଷା ବିଶ୍ଳେଷକମାନେ ପ୍ରଳୟ-୬କୁ ଯୁଦ୍ଧକ୍ଷେତ୍ର ଶ୍ରେଷ୍ଠତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆସେଟ୍ ଭାବରେ ଦେଖନ୍ତି। ପ୍ରମୁଖ ପ୍ରତିରକ୍ଷା ଅଧିକାରୀ ଏବଂ ବୈଜ୍ଞାନିକମାନଙ୍କ ଦ୍ୱାରା ଏହି ଉତ୍କ୍ଷେପଣ ପର୍ଯ୍ୟବେକ୍ଷଣ କରାଯାଇଥିଲା, ଯାହା ଆତ୍ମନିର୍ଭରଶୀଳ ରଣନୈତିକ ପ୍ରତିରକ୍ଷା ଭିତ୍ତିଭୂମି ଆଡ଼କୁ ଭାରତର ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ।

# ସମସ୍ୟା ଶୁଣିଲେ ଲୋକଙ୍କ ସରକାର

ଭୁବନେଶ୍ୱର, ୨୮।୭(ମହାଭାରତ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ୧୩ତମ ପାଳି। ସୋମବାରି ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି। ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ପ୍ରଥମେ ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଅଭିଯୋଗକାରୀଙ୍କୁ ଜଣ ଜଣ କରି ଭେଟିଥିଲେ ଏବଂ ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ।



ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ। ସମସ୍ତ ଅଭିଯୋଗ ଗୁଡିକର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ୯ ଜଣ ବରିଷ୍ଠ ମନ୍ତ୍ରୀ ଆଜି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ସକାଳଠାରୁ ଅଭିଯୋଗ ପ୍ରକୋଷ୍ଠରେ ଭିଡ ଲାଗିରହିଥିଲା। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ଭେଟି, ନିଜର ସମସ୍ୟା ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରୁଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥା ଅଭିଯୋଗ ନେଇ ଆସିଥିବା ଲୋକମାନଙ୍କୁ ଗଭୀର ଭାବେ ପ୍ରଭାବିତ କରୁଥିଲା ଏବଂ ସୁଶାସନର ଅନୁଭୂତି ସେମାନଙ୍କ ଆଖିରେ ଝଲସି ଉଠୁଥିଲା। ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ଏଥି ନିମନ୍ତେ ବରିଷ୍ଠ ଡାକ୍ତରୀ ଟିମ୍ ମଧ୍ୟ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହୁଛନ୍ତି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ବାବଦକୁ ୩ଜଣଙ୍କୁ ଚିକିତ୍ସା ସହାୟତା ରାଶି ଯୋଗାଇ ଦିଆଯାଇଛି। ଚଳିତ ବର୍ଷ ଆରମ୍ଭରୁ ଆଜି ସୁଦ୍ଧା ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୫୧ ଜଣଙ୍କୁ ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯେ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୧,୫୧୬ଟି ଅଭିଯୋଗ ମଧ୍ୟରୁ ୧୦,୫୦୨ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୯୧ ପ୍ରତିଶତ ଅଟେ । ବକେୟା ଅଭିଯୋଗ ଗୁଡ଼ିକ ପ୍ରୋସେସରେ ରହିଛି ।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

# ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେ୍‌କୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ‘ଅଣ୍ଡା ଚିକେନ ଫ୍ରାଏ’ ।



ଖବର

# ୯ଦିନରେ ୩୦୦କୋଟି ମାର୍କ ଅତିକ୍ରମ କଲା 'ସେୟାରା'





'ସେୟାରା' ଝଡ଼ରେ ଫିକା ପଡ଼ିଲେ ସୁପରଷ୍ଟାର। ରିଲିଜ୍ ହେଉ ହେଉ ଅନେକ ବଡ଼ ବଡ଼ ସୁପରଷ୍ଟାର ଓ ସେମାନଙ୍କ ଫିଲ୍ମକୁ ପଛରେ ପକାଇଲେ ବଲିଉଡ କଳାକାର ଆହାନ ପାଣ୍ଡେ ଓ ଅନୀ୍ତ ପଡ୍ଡା। ନାମରେ ଖାନ୍ ବା କପୁର ନଥାଇ ବି ପ୍ରେକ୍ଷାୟଳକୁ ଭିଡ଼ ଆଣିବାରେ ସଫଳ ହେଲେ ଆହାନ। ଫିଲ୍ମଟି ଦେଖିବା ପରେ ପ୍ରଶଂସକମାନେ ଭାବପ୍ରବଣ ହୋଇପଡୁଥିବାର ଅନେକ ଭିଡିଓ ସାମ୍ନାକୁ ଆସୁଛି। ଫିଲ୍ମର କାହାଣୀ କେତେ ମାତ୍ରାରେ ପ୍ରଭାବ ପକାଇଛି, ଏହାର ଫିଲ୍ମର ଆୟରୁ ସ୍ପଷ୍ଟ ହୋଇଛି। ମାତ୍ର ୯ଦିନରେ ୩୦୦କୋଟି କ୍ଲବରେ ପ୍ରବେଶ କରିଛି ଏହି ଫିଲ୍ମ। ଯାହା ଅନ୍ୟ ବଡ଼ ବଜେଟ ଫିଲ୍ମ ବେଳେ ବେଳେ କରିପାରେ ନାହିଁ, ତାହା କରି ଦେଖାଇଛି 'ସେୟାରା'।ଫିଲ୍ମର ବଜେଟ ୬୦କୋଟି ଥିବା ବେଳେ ଏବେ ଫିଲ୍ମ ୩୦୦କୋଟିରୁ ଅଧିକ ଆୟ କରି ସୁପରହିଟ୍ ସାବ୍ୟସ୍ତ ହୋଇଛି। ଏହି ଫିଲ୍ମଟି ରବିବାର ୩୦କୋଟି ଆୟ କରିଥିବା ଜଣାଯାଇଛି। ଫିଲ୍ମର ଗୀତ ଓ ଯୁବପିଙ୍କ ମଧ୍ୟରେ ଫିଲ୍ମକୁ ନେଇ ଥିବା କ୍ରେଜ୍ ଫିଲ୍ମକୁ ସଫଳ କରିଥିବା କୁହାଯାଉଛି। ଅକ୍ଷୟ କୁମାରଙ୍କ କେଶରୀ ୨ର ଘରୋଇ ବକ୍ସ ଅଫିସ ସଂଗ୍ରହକୁ ପଛରେ ପକାଇସାରିଛି 'ସେୟାରା'। ଏହା ଆଲିଆ ଭଟ୍ଟ ଏବଂ ବରୁଣ ଧୱନଙ୍କ ପ୍ରଥମ ଚଳଚ୍ଚିତ୍ର 'ଷ୍ଟୁଡେ□ ଅଫ୍ ଦି ଇୟର' (୭୦କୋଟି), ଜାହ୍ନବୀ କପୁରଙ୍କ 'ଧଡ଼କ' (୭୩କୋଟି)କୁ ପଛରେ ପକାଇଥିବା 'ସେୟାରା' ଖୁବଶୀଘ୍ର କବୀର ସିଂହ(୩୭୭କୋଟି)ର ମୋଟ ସଂଗ୍ରହକୁ ପଛରେ ପକାଇବ ବୋଲି କୁହାଯାଉଛି।ରିଲିଜ୍ ପୂର୍ବରୁ ଫିଲ୍ମର କେଣସି ପ୍ରଚାର କରାଯାଇନଥିଲେ ବି ଫିଲ୍ମଟି ଏତେ ଭଲ ବ୍ୟବସାୟ କରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

## ଆଣ୍ଠୁ ଗଣ୍ଠି ବିନ୍ଧାର ଘରୋଇ ଉପଚାର

ଆଜିକାଲି ଆଣ୍ଠୁ ଏବଂ ଅଣ୍ଟ ବିନ୍ଧିବା ଏକ ସାଧାରଣ କଥା। ଅନେକ ଲୋକ ଏହି ସମସ୍ୟାରେ ପୀଡ଼ିତ ଅଛନ୍ତି। ହେଲେ ଅଧିକାଂଶ ଲୋକ ଏହାକୁ ଖାମଖିଆଲି ଭାବେ ନେଇଥାନ୍ତି। ଜାଣନ୍ତୁ ଏହି ସମସ୍ୟାରୁ ମୁକ୍ତି ପାଇବାକୁ କିଛି ଘରୋଇ ଉପଚାର। ଯାହାକୁ ବ୍ୟବହାର କରି ଆପଣ ଏହି ସମସ୍ୟାରୁ ଆରାମ ପାଇ ପାରିବେ।

ଥଣ୍ଡା ପାଣି : ଯଦି ଆପଣଙ୍କର ଆଣ୍ଠୁ ଗଣ୍ଠି କିମ୍ବା ଅଣ୍ଟା ବିନ୍ଧା ହେଉଛି ତେବେ ଥଣ୍ଡା ପାଣିର ପଟି ନେଇ ଆଣ୍ଠୁ ଏବଂ ଅଣ୍ଟାରେ ସେକିଲା ଭଳି କରନ୍ତୁ। ଏହା କଲେ କେବଳ ବିନ୍ଧା କମିବ ନାହିଁ ବରଂ ଦରଜ ଥିଲେ ମଧ୍ୟ ଏହା ଦୂର କରିବ।

ଥଣ୍ଡା ପାଣି ପଟି ବଦଳରେ ଆପଣ ବରଫ ମଧ୍ୟ ବ୍ୟବହାର କରିପାରିବେ। ଏକ କପଡ଼ାରେ ବରଫକୁ ବାନ୍ଧି ବିନ୍ଧୁଥିବା ଗଣ୍ଠି ବା ଅଣ୍ଟାରେ ରଖନ୍ତୁ। ଏହା ଆପଣଙ୍କୁ ଆରାମ ଦେବ ନିଶ୍ଚୟ।



ଆପଲ୍ ସାଇଡର୍ ଭିନେଗାର : ଆପଲ୍ ସାଇଡର୍ ଭିନେଗାରକୁ ମଧ୍ୟ ଆଣ୍ଠୁ ଗଣ୍ଠି ବିନ୍ଧା ସମସ୍ୟାରୁ ଆରାମ ପାଇ ବ୍ୟବହାର କରିପାରିବେ। ଆପଣ ପ୍ରତିଦିନ ଏହାକୁ ଏକ କପ୍ ପାଣିରେ ମିଶାଇ ପିଇଲେ ଏଥିରୁ ମୁକ୍ତି ମିଳିଥାଏ। ଏହାକୁ ଅନ୍ୟ ଏକ ଉପାୟରେ ମଧ୍ୟ ବ୍ୟବହାର କରିପାରିବେ। ଆପଣ ଆପଲ୍ ସାଇଡର୍ ଭିନେଗାର ନେଇ ନଡ଼ିଆ ତେଲରେ ମିଶାଇ ବିନ୍ଧୁଥିବା ଜାଗାରେ ମାଲିସ୍ କରନ୍ତୁ। ଏହା ମଧ୍ୟ ଆପଣଙ୍କୁ ଆରାମ ଦେବ।

ଅଦା : ଅଣ୍ଟା ପିଠି ବିନ୍ଧିବା ସମସ୍ୟାରେ ଅଦା ମଧ୍ୟ ବହୁତ ଲାଭ ଦେଇଥାଏ। ଅଦାରେ ଏକ ପ୍ରକାର ଔଷଧୀୟ ଗୁଣ ରହିଥାଏ। ଯାହା ଦରଜ ବା ବିନ୍ଧା ହେଉଥିଲେ ଶୀଘ୍ର ମୁକ୍ତି ଦିଏ। ଏଥିପାଇଁ ଆପଣ ଏକ ଚାମଚ ଅଦା ରସ ସହ ମହୁ ମିଶାଇ ପିଅନ୍ତୁ। ଏହା ସହ ଆପଣ ଅଦା ତେଲ ମଧ୍ୟ ଅଣ୍ଟାରେ ମାଲିସ୍ କରିପାରିବେ।

# ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ଖେଳଣା

ପିଲାଙ୍କ ଜିଦ୍ ପୂରଣ ଏବଂ ଖୁସି ପାଇଁ ଆମେମାନେ ବଜାରରୁ ସେମାନଙ୍କ ନିମନ୍ତେ ଖେଳାଣା କିଣିଥାଉ। ହେଲେ ଏହି ଖେଳଣା ଯେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ବଡ଼ ପ୍ରଭାବ ପକାଇଥାଏ ତାକୁ ଅଣଦେଖା କରିଥାଉ। ନିକଟରେ କ୍ୱାଲିଟି କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତୀୟ ବଜାରରେ ଉପଲବ୍ଧ ହେଉଥିବା ବିଦେଶୀ ଖେଳଣା ମଧ୍ୟରୁ ୬୭ ପ୍ରତିଶତ ଖେଳଣା ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। କ୍ୱାଲିଟି କାଉନସିଲ ପକ୍ଷରୁ ଦିଲ୍ଲୀ ଏବଂ ଏନସିଆରର ବଜାରରେ ଉପଲବ୍ଧ ହେଉଥିବା ଖେଳଣାକୁ ନେଇ ପରୀକ୍ଷଣ କରାଯାଇଥିଲା।







ଭାରତୀୟମାନଙ୍କ ଅନୁସାରେ ବଜାରରେ ବିକ୍ରି ହେଉଥିବା ୧୨୧ ପ୍ରକାରର ଖେଳଣାକୁ ଯାଞ୍ଚ ପାଇଁ ଲ୍ୟାବ ପଠାଯାଇଥିଲା। ହେଲେ ଏହି ଖେଳଣାର ଗୁଣବତ୍ତା କମ ଥିବା ଜଣାପଡ଼ିଥିଲା।

ରିପୋର୍ଟରେ କୁହାଯାଇଛି ଯେ , ଉପଲବ୍ଧ ହେଉଥିବା ୩୦ ପ୍ରତିଶତ ପ୍ଲାଷ୍ଟିକ ଖେଳଣା ପରୀକ୍ଷାରେ ଫେଲ ହୋଇଛି। ସଫ୍ଟ ଖେଳଣା ମଧ୍ୟରୁ ୪୫ ପ୍ରତିଶତ ଏବଂ ଇଲେକଟ୍ରିକ ଖେଳଣା ମଧ୍ୟରୁ ୭୫ ପ୍ରତିଶତ ବିଫଳ ହେଇଛି ପରୀକ୍ଷାରେ।

ଏହି ଖେଳରା ଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପଡ଼ିଥାଏ ସେ ନେଇ କୁହାଯାଇଛି ଯେ ଅନେକ ଖେଳଣା ପିଲାଙ୍କ ଚର୍ମ ଉପରେ ପ୍ରଭାବ ପକାଇଥାଏ।

ସେହିପରି ଆଉ କିଛି ଖେଳଣା ବିଶେଷ କରି ଇଲେକଟ୍ରିକ ଖେଳଣା ଶରୀରକୁ ପ୍ରଭାବିତ କରିଥାଏ। ପ୍ଲାଷ୍ଟିକ ଖେଳଣାରେ ବିଭିନ୍ନ ରସାୟନିକ ତତ୍ତ୍ୱର ଉପଯୋଗ ହେଉଥିବାରୁ ଛୋଟ ପିଲା ଏହାକୁ ପାଟିରେ ଲଗାଇବା ଦ୍ୱାରା ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଏ। ତେଣୁ ବଜାରରେ ଉପଲବ୍ଧ ଖେଳଣା କିଣିବା ପୂର୍ବରୁ ପିଲାର ସ୍ୱାସ୍ଥ୍ୟ ପ୍ରତି ଏହା ପ୍ରଭାବ ପକାଇବ ନା ନାହିଁ ସେଥିପ୍ରତି ଅଭିଭାବକମାନେ ଦୃଷ୍ଟି ଦେବା ଦରକାର।

# ଯୁଧିଷ୍ଠିର ଓ କୁକୁର ଉପାଖ୍ୟାନ: ଘରେ କୁକୁର ପାଳିବା କେତେଦୂର ଠିକ୍

କଥାରେ ଅଛି ଘରେ ଚରିଗୋଡ଼ିଆ ବାନ୍ଧିଲେ ଦୋଷ, ନ ବାନ୍ଧିଲେ ବି ଦୋଷ। ଏଠାରେ ଚରିଗୋଡ଼ିଆ କହିଲେ ଗାଇକୁ ବୁଝାଏ। କାରଣ ଗାଇର ଗୋମୟ, ମୂତ୍ର, କ୍ଷୀର, ଦହି, ଘିଅ ଆଦି ପୂଜାପର୍ବ ଓ ଦୈନନ୍ଦିନ କାର୍ଯ୍ୟରେ ଆବଶ୍ୟକ ହୋଇଥାଏ। ଏଣୁ ଗାଈ ନ ରଖିଲେ ଦୋଷ। ପୁଣି ରଖିଲେ ଦୋଷ କାହିଁକି? କାରଣ ଗାଇ ପାଳିଲେ ତା'ର ସେବାରେ ତ୍ରୁଟି କରିବା ଉଚିତ ନୁହେଁୟ ସେବାରେ ତ୍ରୁଟି ହେଲେ ଓ ଗାଇର କିଛି ହୋଇଗଲେ ପାପ ଲାଗେୟ କିନ୍ତୁ ଆଜିକାଲି ଲୋକେ ଘରେ ଗାଇ ରଖିବା ଅପେକ୍ଷା କୁକୁର ପାଳିବାକୁ ବେଶି ପସନ୍ଦ କରୁଛନ୍ତି। ତାକୁ ବାହାରେ ଖାଇବାକୁ ଦେବା ଓ ପାଣି ପିଇବାକୁ ଦେବା ଭଲ। ଏହା ଭୂତଯଜ୍ଞର ଅନ୍ତର୍ଗତ। ଜୀବେ ଦୟା ଭାବନାକୁ ମଧ୍ୟ ଏହା ପୁଷ୍ଟ କରେ। କିନ୍ତୁ ଘରେ କୁକୁର ପାଳିବାକୁ ଶାସ୍ତ୍ରରେ ବାରଣ କରାଯାଇଛ। ମହାଭାରତରେ ଅଛି, ଯିଏ ଘରେ କୁକୁର ପୋଷିବ ତା'ର ସ୍ୱର୍ଗକୁ ଯିବାର ଅଧିକାର ନାହିଁ। ଏପରି କି ବ୍ରାହ୍ମଣ, ଦେବତା ଓ ପିତୃପୁରୁଷମାନେ ତା' ଘରୁ ପାଣି ପାଆନ୍ତି ନାହିଁ।ମହାଭାରତ ସ୍ୱର୍ଗାରୋହଣ ପର୍ବରେ ଯୁଧିଷ୍ଠିର ଓ କୁକୁର ଉପାଖ୍ୟାନ ଅଛି। ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପରେ ସମ୍ରାଟ୍ ଯୁଧିଷ୍ଠିର ରାଜ୍ୟଭାର ପରିକ୍ଷିତଙ୍କୁ ଦେଇ ସନ୍ନ୍ୟାସ ନେବାକୁ ଇଚ୍ଛା କଲେ। ଏହି ସମୟରେ ଦେବତା ଓ ଋଷିଗଣ ଆସି ତାଙ୍କୁ ସଶରୀରେ ସ୍ୱର୍ଗ ଯିବା ପାଇଁ ପରାମର୍ଶ ଦେଲେ। ଏଣୁ ପାଞ୍ଚଭାଇ ଓ ପତ୍ନୀ ଦ୍ରୌପଦୀ ବଳ୍କଳ ପରିଧାନ କରି ଯାତ୍ରା ଆରମ୍ଭ କଲେ। ବାଟରେ ଗୋଟିଏ କୁକୁର ତାଙ୍କ ସହ ଚାଲୁଥିଲା। ଗିରିରାଜ ହିମାଳୟ ଉପରେ ଚିଉତାଙ୍କୁ ସୁମେରୁ ଶିଖରକୁ ଯିବାକୁ ପଡ଼ିବୟ ବାଟରେ ଦ୍ରେପଦୀଙ୍କଠାରୁ ଆରମ୍ଭ କରି ଶେଷରେ ଭୀମଙ୍କ ପର୍ଯ୍ୟନ୍ତ ଜଣକ ପରେ ଜଣେ ଖସିପଡ଼ି ପ୍ରାଣ ହରାଇଲେ। କିନ୍ତୁ କୁକୁରଟି ଶେଷ ପର୍ଯ୍ୟନ୍ତ ଯୁଧିଷ୍ଠିରଙ୍କ ପଛେ ପଛେ ଚାଲୁଥିଲାୟ ସ୍ୱର୍ଗଦ୍ୱାରରେ ପହଞ୍ଚିବା ପରେ ଇନ୍ଦ୍ରଙ୍କ ରଥ ଆସି ପହଞ୍ଚିଲା ଯୁଧିଷ୍ଠିରଙ୍କୁ ସଶରୀରେ ସ୍ୱର୍ଗକୁ ନେବା ପାଇଁ। ଇନ୍ଦ୍ରଙ୍କ ସାରଥି ମାତଳି ରଥ ଚଳାଉଥିଲେ।ମାତଳି ଯୁଧିଷ୍ଠିରଙ୍କୁ



ଅଭିବାଦନ କରି କହିଲେ, ମହାରାଜ! ଆପଣଙ୍କୁ ନେବାକୁ ମୋତେ ଇନ୍ଦ୍ର ପଠାଇଛନ୍ତି, ଆପଣ ରଥରେ ବସନ୍ତୁ। ଯୁଧିଷ୍ଠିର କିନ୍ତୁ ନିଜେ ରଥରେ ବସିବା ପୂର୍ବରୁ ପ୍ରଥମେ କୁକୁରକୁ ବସାଇବାକୁ ଚାହିଲେ।ମାତଳି କହିଲେ, ଏ କି କଥା? ଆପଣ ଧର୍ମାତ୍ମା, ତେଣୁ ଏକମାତ୍ର ଆପଣଙ୍କୁ ସଶରୀରେ ସ୍ୱର୍ଗକୁ ଯିବାର ଅଧିକାର ଅଛି। କୁକୁର ଏକ ଅପବିତ୍ର ମାଂସାଶୀ ପ୍ରାଣୀ। ସେ କେମିତି ଯାଇପାରିବ? ତା'ଛଡ଼ା ଶାସ୍ତ୍ରରେ ଅଛି, କୁକୁର ପାଳିବା ଲୋକ ସ୍ୱର୍ଗକୁ ଯାଇପାରନ୍ତି ନାହିଁ। ଯୁଧିଷ୍ଠିର କହିଲେ, ମୁଁ ଏ କୁକୁରକୁ ପାଳିନାହିଁ। କିନ୍ତୁ ସେ ଏତେବାଟ ମୋ ପଛେ ପଛେ ଆସିଛି। ସେ ମୋର ଶରଣାଗତ। ମୁଁ ରାଜା, କ୍ଷତ୍ରିୟ। ଶରଣାଗତକୁ ରକ୍ଷା କରିବା କ୍ଷତ୍ରିୟର ଧର୍ମୟ ମୁଁ ମୋ ଧର୍ମ ତ୍ୟାଗ କରିପାରିବି ନାହିଁ। ମାତଳି କହିଲେ, ଆପଣ ସିନା ପୁଣ୍ୟବଳରେ ସିଧା ସ୍ୱର୍ଗକୁ ଯିବାର ଅଧିକାର ପାଇଛନ୍ତି, କୁକୁର କେମିତି ଯାଇପାରିବ? ଯୁଧିଷ୍ଠିର କହିଲେ, ତା'ହେଲେ ମୁଁ ମୋର ସବୁ ପୁଣ୍ୟ ଏ କୁକୁରକୁ ଦାନ କରିବାକୁ ପ୍ରସ୍ତୁତ ଅଛି। ଆପଣ ତାକୁ ସ୍ୱର୍ଗକୁ ନେଇଯାନ୍ତୁ। ପ୍ରାଣୀ ମାତ୍ରକେ ଦୟା କରିବା ମଣିଷର ଧର୍ମ। କିନ୍ତୁ ଘରେ କୁକୁର ପାଳିବା ଅନୁଚିତ। କେବଳ ଶବର ଶ୍ରେଣୀର ଲୋକେ କୁକୁର ପାଳନ୍ତି ଶିକାରରେ ସାହାଯ୍ୟ କରିବା ପାଇଁ। ପୁଲିସ ବିଭାଗ ଓ ସେନ୍ୟ ବିଭାଗରେ ବିଶେଷ ଜାତିଆ କୁକୁରକୁ ତାଲିମ ଦେଇ ତା'ର ଅସମ୍ଭବ ଘ୍ରାଣଶକ୍ତିର ଉପଯୋଗ କରାଯାଏ ବୋମା ଆଦି ଠାବ କରିବା ପାଇଁ। ଯଦି କେଣସି ଧନିକ ଶ୍ରେଣୀର ବ୍ୟକ୍ତି ନିଜର ଧନସମ୍ପତ୍ତି ଜଗିବା ପାଇଁ କୁକୁର ପାଳିବା ନିହାତି ଆବଶ୍ୟକ କରନ୍ତି, ତେବେ କୁକୁର ପାଇଁ ଘର ବାହାରେ ଏକ ସ୍ୱତନ୍ତ୍ର କୁକୁରଶାଳା ତିଆରି କରିବା ଆବଶ୍ୟକ। କୁକୁରକୁ ନିଜ ଘର ଭିତରେ ରଖି ନିଜ ଖଟ ଉପରେ ଚିବା, ପାଖରେ ଶୋଇବା ଓ ଚେୟାର ବା ସୋଫାରେ ବସିବାକୁ ସୁଯୋଗ ଦେବା ଉଚିତ ନୁହେଁ। ଏହା ଶୁଣିବା ପରେ କୁକୁର ନିଜର ସ୍ୱରୂପ ପ୍ରକାଶ କଲା। ଯୁଧିଷ୍ଠିର ଦେଖିଲେ, ତାଙ୍କ ସମ୍ମୁଖରେ ସାକ୍ଷାତ୍ ଧର୍ମରାଜ, ନ୍ୟାୟ ଓ ମୃତ୍ୟୁର ଦେବତା - ଯମ ଛିଡ଼ା ହୋଇଛନ୍ତି। ସ୍ୱୟଂ ଧର୍ମ କୁକୁର ରୂପରେ ଯୁଧିଷ୍ଠିରଙ୍କ ପରୀକ୍ଷା ନେଉଥିଲେ। ଏହି ସମୟରେ ଇନ୍ଦ୍ର ଓ ଅନ୍ୟ ଦେବତାମାନେ ବି ପହଞ୍ଚିଯାଇଥିଲେ। ଯୁଧିଷ୍ଠିରଙ୍କ ନ୍ୟାୟପରାୟଣତା ଓ ଶରଣାଗତବତ୍ସଳତା ଦେଖି ଯମ ଓ ଅନ୍ୟ ଦେବତାମାନେ ପ୍ରସନ୍ନ ହୋଇ ତାଙ୍କୁ ଆଶୀର୍ବାଦ କଲେ। ଯମରାଜ ଯୁଧିଷ୍ଠିରଙ୍କୁ କହିଲେ, ହେ ରାଜା, ଆପଣଙ୍କ ପରି ନିଃସ୍ୱାର୍ଥ ବ୍ୟକ୍ତି ଏ ପର୍ଯ୍ୟନ୍ତ ଏ ଭୂମଣ୍ଡଳରେ କେହି ଜନ୍ମି ନାହାନ୍ତି। ଏକ ସାମାନ୍ୟ କୁକୁର ପାଇଁ ଜୀବନ ସାରା ଅର୍ଜିଥିବା ସମସ୍ତ ପୁଣ୍ୟ ତ୍ୟାଗ କରିଦେବା ପାଇଁ ଆପଣ ଯେପରି ପ୍ରସ୍ତୁତ ହୋଇଗଲେ ତାହା ମୋତେ ମୁଗ୍ଧ କରିଛି। ଆପଣଙ୍କ ହୃଦୟ ପ୍ରାଣୀମାତ୍ରଙ୍କ ପ୍ରତି ସ୍ନେହ ଓ କରୁଣାରେ ପ୍ଲାବିତ ହେଉଛ। ତେଣୁ ସ୍ୱର୍ଗଲୋକ ହିଁ ଆପଣଙ୍କ ପାଇଁ ଉପଯୁକ୍ତ ଧାମ। ତା'ପରେ ମହାରାଜା ଯୁଧିଷ୍ଠିର ଇନ୍ଦ୍ର, ଯମ ଓ ଅନ୍ୟ ଦେବତାମାନଙ୍କ ସହିତ ରଥରେ ବସି ସ୍ୱର୍ଗକୁ ଗଲେ। ଏହି ଆଖ୍ୟାନରୁ ଏତିକି ଶିକ୍ଷା ମିଳିଲା ଯେ, ପ୍ରାଣୀ ମାତ୍ରକେ ଦୟା କରିବା ମଣିଷର ଧର୍ମୟ କିନ୍ତୁ ଘରେ କୁକୁର ପାଳିବା ଅନୁଚିତ। କେବଳ ଶବର ଶ୍ରେଣୀର ଲୋକେ କୁକୁର ପାଳନ୍ତି ଶିକାରରେ ସାହାଯ୍ୟ କରିବା ପାଇଁ।

## ଯକୃତକୁ ସଫା ରଖେ କେଉଁ ପରିବା



ଯକୃତ ହେଉଛି ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରରୁ ବିଷାକ୍ତ ଜିନିଷକୁ ବାହାର କରିଦିଏ, ଖାଦ୍ୟ ହଜମ କରିବା ସହିତ ଶରୀରକୁ ଶକ୍ତି ମଧ୍ୟ ଦେଇଥାଏ।କିନ୍ତୁ ଆଜିକାଲି ଅଧିକ ତେଲ, ଚିନି ଓ ଜଙ୍କ ଫୁଡ୍ ଖାଇବା ଯୋଗୁଁ ଯକୃତ ଉପରେ ବହୁତ ଚାପ ପଡୁଛି। ଏହା ଯକୃତକୁ ଦୁର୍ବଳ କରିପାରେ ଓ ଅନେକ ରୋଗର କାରଣ ମଧ୍ୟ ହୋଇପାରେ। ହେଲେ ଚିନ୍ତା କରନ୍ତୁ ନାହିଁ କିଛି ସାଧାରଣ ପରିବା ଖାଇଲେ ଆପଣଙ୍କ ଯକୃତ ସଫା ଓ ସୁସ୍ଥ ରହିବ। ଆସନ୍ତୁ ଜାଣିବା ଏହି ୬ଟି ପରିବା ବିଷୟରେ:

ପାଳଙ୍ଗ: ପାଳଙ୍ଗ ହେଉଛି ଏକ ପ୍ରକାରର ଶାଗୟ ପାଳଙ୍ଗକୁ ସାଲାଡରେ ଖାଇପାରିବେ, ସୁପ୍ ,ଜୁସ୍ ଓ ତରକାରୀ ମଧ୍ୟ ରାନ୍ଧି ଖାଇପାରିବେ । ସକାଳେ ପାଳଙ୍ଗ ଜୁସ୍ ପିଇଲେ ଯକୃତ ସହ ପେଟ ମଧ୍ୟ ସଫା ରହେ।

ବିଟ୍: ବିଟ୍ ଯକୃତ ପାଇଁ ଏକ ଭଲ ପରିବା । ଏହା ଯକୃତକୁ ସଫା କରେ ଓ ରକ୍ତକୁ ଶୁଦ୍ଧ ରଖେ ।ଏହା ଯକୃତର କୋଷକୁ ମଜବୁତ କରେ ଓ ନୂଆ କୋଷ ତିଆରି କରିବାରେ ସାହାଯ୍ୟ କରେ। ।ବିଟକୁ ଜୁସ୍ କରି ପିଅନ୍ତୁ, ସାଲାଡରେ ମିଶାନ୍ତୁ କିମ୍ବା ହାଲକା ସିଝାଇ ଖାଆନ୍ତୁ।

ବ୍ରୋକୋଲି: ଏହା ଯକୃତକୁ ସଫା ରଖିବା ପାଇଁ ସାହାଯ୍ୟ କରେ ଓ ଶରୀରରୁ ଖରାପ ଜିନିଷ ବାହାର କରେ। ନିୟମିତ ବ୍ରୋକୋଲି ଖାଇଲେ ଯକୃତରେ ଚର୍ବି ଜମା ହେବା ରୋଗକୁ ମଧ୍ୟ କମାଇପାରୁଛିୟ ବ୍ରୋକୋଲିକୁ ସୁପ୍, ତରକାରୀ କିମ୍ବା ହାଲକା ସିଝାଇ ଖାଆନ୍ତୁ।

କଲରା: କଲରା ପିତା ହେଲେ ମଧ୍ୟ ଏହା ଯକୃତ ପାଇଁ ବହୁତ ଲାଭଦାୟକ। ଏହା ଶରୀରରୁ ବିଷ ବାହାର କରେ।କଲରାକୁ ତରକାରୀ, ଭଜା କିମ୍ବା ଜୁସ୍ କରି ଖାଇପାରିବେ।

ଧନିଆ: ଧନିଆ ପତ୍ର କେବଳ ଖାଦ୍ୟକୁ ସ୍ୱାଦିଷ୍ଟ କରେ ନାହିଁ, ଯକୃତକୁ ମଧ୍ୟ ସଫା ରଖେ। ଧନିଆକୁ ଚଟଣୀ, ସୁପ୍, ଜୁସ୍ କିମ୍ବା ଖାଦ୍ୟ ଉପରେ ପକାଇ ଖାଇପାରିବେ।

ବନ୍ଧାକୋବି: ଶୀତଦିନେ ଅଧିକ ମାତ୍ରାରେ ବ୍ୟବହାର ହେଉଥିବା ପରିବା ହେଉଛି କୋବି।ତେବେ ବନ୍ଧାକୋବି ହେଉଛି ଯକୃତର ପାଇଁ ଏକ ଉପଯୋଗୀ ପରିବା। ଏହା ଯକୃତରୁ ବିଷାକ୍ତ ଜିନିଷ ବାହାର କରେ। ବନ୍ଧାକୋବିକୁ ତରକାରୀ, ସାଲାଡ୍, ସୁପ୍ କିମ୍ବା ପରାଠାରେ ମିଶାଇ ଖାଆନ୍ତୁ।

# ସିଏସ୍ଆର ଅଧିନରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦିଅ

**ଭୁବନେଶ୍ୱର, ୨୮।୭ (ମହାଭାରତ):** ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଶୁକ୍ରବାର ଦିନ ନାଲକୋ (ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିଃ) ପରିଦର୍ଶନ କରିଛନ୍ତି। ଏହି ଅବସରରେ ନାଲକୋର ଚେୟାରମ୍ୟାନ-ତଥା-ମ୍ୟାନେଜିଂ ଡାଇରେକ୍ଟର ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ କମ୍ପାନୀର କାର୍ଯ୍ୟଧାରା ସଂପର୍କରେ ଆଲୋଚନା କରି ନାଲକୋ ସିଏସ୍ଆର ଅଧିନରେ ରାଜ୍ୟର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ସକ୍ରିୟ ପଦକ୍ଷେପ ନେବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଛନ୍ତି। ଝିଅ ଓ ମହିଳାମାନଙ୍କ ମଧ୍ୟରେ କମ ହିମୋଗ୍ଲୋବିନସ୍ତର ଏବଂ ପିଲାମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଦୃଷ୍ଟି ସମସ୍ୟାର ସମାଧାନ ପାଇଁ ଲକ୍ଷଭିତିକ ପଦକ୍ଷେପର ଆବଶ୍ୟକତା ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ।




ରକ୍ତଦାନ ଅଭିଯାନରେ ମହିଳାମାନଙ୍କ କମ ଅଂଶଗ୍ରହଣ ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଏହି ସମସ୍ୟାର କାରଣ ଇଚ୍ଛାଗତ ନୁହେଁ ବରଂ ସ୍ୱାସ୍ଥ୍ୟଗତ ପ୍ରତିବନ୍ଧକ ଅଟେ। ଅନେକ ଝିଅ ଏବଂ ମହିଳା କମ ହିମୋଗ୍ଲୋବିନସ୍ତର ଯୋଗୁଁ ରକ୍ତଦାନ କରି ପାରିବେ ନାହିଁ। ଏସବୁ ସମସ୍ୟାର ସମ୍ଭାବ୍ୟ ସମାଧାନ ଭାବରେ ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ଖାଦ୍ୟରେ ଗାଜର – ବିଟ୍‌ରୁଟ ରସ ଏବଂ ଗୁଡ଼ ଚିକି ଭଳି ସରଳ ଏବଂ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ସାମିଲ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏପରି ପଦକ୍ଷେପର ପ୍ରଭାବ ଜାଣିବା ପାଇଁ ନିୟମିତ ପରୀକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ନାଲକୋ ସିଏସ୍ଆର ର ଏକ ଅଂଶ ଭାବେ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପୁଷ୍ଟିକର ପରିପୂରକ କାର୍ଯ୍ୟକ୍ରମ ହାତକୁ ନେବାକୁ ରାଜ୍ୟପାଳ ଅନୁରୋଧ କରିଥିଲେ।

ସ୍କୁଲ ପିଲାମାନଙ୍କ ମଧ୍ୟରେ ଦୃଷ୍ଟି ସମସ୍ୟା ବୃଦ୍ଧି ପାଇବା ଉପରେ ଚିନ୍ତା ପ୍ରକଟ କରି ରାଜ୍ୟପାଳ ସୁଲଭ ସ୍କ୍ରିନିଂ ଉପକରଣର ଉପଯୋଗିତା ଉପରେ ଆଲୋକପାତ କରିଥିଲେ ଏବଂ ଶିକ୍ଷକମାନଙ୍କୁ ଏହି ଉପକରଣର ବ୍ୟବହାର ସଂପର୍କରେ ତାଲିମ ଦିଆଗଲେ ଶ୍ରେଣୀ ଗୃହରେ ପିଲାଙ୍କର ଦୃଷ୍ଟି ଶକ୍ତି ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ହୋଇପାରିବ ଏବଂ ପିତାମାତାଙ୍କୁ ପିଲାମାନଙ୍କ ପାଇଁ ସମୟୋଚିତ ଚିକିତ୍ସା ସହାୟତା ପାଇବା ପାଇଁ ମାର୍ଗଦର୍ଶନ କରାଯାଇପାରିବ ବୋଲି ରାଜ୍ୟପାଳ କହିଥିଲେ। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ସହଯୋଗମୂଳକ ପ୍ରୟାସ ପାଇଁ ପବ୍ଲିକ ସେକ୍ଟର ଅଣ୍ଡରଟେକିଂ, ସରକାରୀ ବିଭାଗ ଏବଂ ସିଭିଲ ସୋସାଇଟି ଅନୁଷ୍ଠାନକୁ ସାମିଲ କରାଯାଇ ଏକ ବୈଠକ କରିବାକୁ ଯୋଜନା କରାଯାଇଛି ବୋଲି ରାଜ୍ୟପାଳ କହିଥିଲେ। ନାଲକୋ ର ସ୍ଥିର ଲାଭଦାୟକତା ଏବଂ ଜାତୀୟ ବିକାଶରେ ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ନାଲକୋ ତରଫରୁ ସୌର ଶକ୍ତିର ବ୍ୟବହାରକୁ ବିସ୍ତାରିତ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି ଗସ୍ତ ଅବସରରେ ରାଜ୍ୟପାଳ ନାଲକୋ ଭବନ ପରିସରରେ "ଏକ ପେଡ୍ ମା' କେ ନାମ" ଅଭିଯାନ ଅଧିନରେ ଏକ ବୃକ୍ଷ ଚାରା ରୋପଣ କରିଥିଲେ।

# ଆରପିଏଫ ପକ୍ଷରୁ ମାନବ ଚାଲାଣ ବିରୋଧୀ ଦିବସ



**ଭୁବନେଶ୍ୱର, ୨୮।୭ (ମହାଭାରତ):** ୩୦ ଜୁଲାଇରେ ବିଶ୍ୱ ସ୍ତରରେ ପାଳିତ ହେଉଥିବା ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସକୁ ନଜରରେ ରଖି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ରେଳ ସୁରକ୍ଷା ବଳ (ଆରପିଏଫ) ଏହାର ପରିସୀମା ମଧ୍ୟରେ ବିଭିନ୍ନ ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ପନ୍ଦର ଦିନ ଧରି ସଚେତନତା ଅଭିଯାନ ଆରମ୍ଭ କରିଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଯାତ୍ରୀ, ରେଳ କର୍ମଚାରୀ ଏବଂ ସାଧାରଣ ଲୋକଙ୍କୁ ମାନବ ଚାଲାଣର ବିପଦ ବିଷୟରେ ସଚେତନତା କରାଇବା, ବିଶେଷ ଭାବରେ ଶିଶୁ ଏବଂ ଦୁର୍ବଳ ଗୋଷ୍ଠୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା। ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, କଟକ, ପୁରୀ, ତାଳଚେର, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ୍, କେନ୍ଦୁଝରଗଡ଼, ଅନୁଗୁଳ, ବ୍ରହ୍ମପୁର, ପଲାସା ଏବଂ ରେଳମଣ୍ଡଳର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ସମେତ ପ୍ରମୁଖ ଷ୍ଟେସନଗୁଡ଼ିକରେ ଏହି ସଚେତନତା ଅଭିଯାନ କରାଯାଉଛି। କାର୍ଯ୍ୟକଳାପରେ ସୂଚନାପ୍ରଦ ପ୍ରଦର୍ଶନ, ସାର୍ବଜନୀନ ଘୋଷଣା, ଯାତ୍ରୀ ପାରସ୍ପରିକ କ୍ରିୟା ଅଧିବେଶନ ଏବଂ ଶିଶୁ ହେଲ୍ପଲାଇନ୍ - ୧୦୯୮ ବିଷୟରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଅଛି ଯାହା ଲୋକମାନଙ୍କୁ ଶିଶୁ କିମ୍ବା ଦୁର୍ବଳ ବ୍ୟକ୍ତିମାନଙ୍କ ସହିତ ଜଡିତ ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ରିପୋର୍ଟ କରିବାକୁ ପ୍ରୋତ୍ସାହିତ କରିଥାଏ। ଏହି ଅଭିଯାନରେ ସରକାରୀ ରେଳବାଇ ପୋଲିସ (ଜିଆରପି), ରାଜ୍ୟ ସରକାରୀ କର୍ତ୍ତୃପକ୍ଷ, ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ଅଧିକାରୀ, ଶିଶୁ କଲ୍ୟାଣ କମିଟି, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ମହିଳା ଏବଂ ଶିଶୁ ବିକାଶ ବିଭାଗ , ସ୍ୱେଚ୍ଛାସେବୀ କାର୍ଯ୍ୟ ସଂଘ ଏବଂ ବଚପନ ବଚାଓ ଆନ୍ଦୋଳନ ସମେତ ଅଣ-ସରକାରୀ ସଂଗଠନ ଭଳି ଅନେକ ଅଂଶୀଦାରଙ୍କ ସହ ଘନିଷ୍ଠ ସମନ୍ୱୟରେ ପରିଚାଳିତ କରାଯାଇ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି।

# ଓଡିଶା ଉଦ୍ୟୋଗୀ ପରିବାର ବୈଠକ



**ଭୁବନେଶ୍ୱର, ୨୮।୭ (ମହାଭାରତ):** ସ୍ଥାନୀୟ ରସୁଲଗଡସ୍ଥିତ ଏସପ୍ଲାନେଡ଼ଠାରେ ଓଡିଶା ଉଦ୍ୟୋଗୀ ପରିବାରର ମାସିକ ବୈଠକ ଅଧକ୍ଷ ତଥା ବିଶିଷ୍ଟ ଉଦ୍ୟୋଗୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱ ଓ ଶ୍ରୀକାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ସଂଗୀତ ଜଗତର ଉଜ୍ଜ୍ୱଳ ପ୍ରତିଭା ତଥା ବିଶିଷ୍ଟ ସଂଗୀତଜ୍ଞ ସୁବାସ ଦାସ, ସମ୍ମାନିତ ଅତିଥି ଭାବେ ସଫଳ ଉଦ୍ୟୋଗୀ ସୁଧାଂଶୁ ଦାସ ଉପସ୍ଥିତ ରହିବା ସହ ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା, ସୁରକ୍ଷା ତଥା କିପରି ଜଣେ ସଫଳ ଉଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିବା ସହିତ ଆଧୁନିକ ଜ୍ଞାନ କୌଶଳକୁ ଅବଲମ୍ବନ କରି ନିଜର ଉତ୍ପାଦିତ ସାମଗ୍ରୀକୁ ବିତରଣ, ବିଜ୍ଞାପିତ କରିବା ପ୍ରମୁଖ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦାସ ଦୃଢନିଷ୍ଠା, ସଂକଳ୍ପ ଦ୍ୱାରା ଜଣେ ସଫଳ ବ୍ୟକ୍ତି ଓ ଉଦ୍ୟୋଗୀ ହୋଇ ପାରିବେ। ଏହି ଅବସରରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ବହୁ ଯୁବ, ମହିଳା ଉଦ୍ୟୋଗୀ ଯୋଗପ୍ରଦାନ କରି ନିଜନିଜ ମତ ରଖିଥିଲେ। ଘରେ ଘରେ ଉଦ୍ୟୋଗୀ ସୃଷ୍ଟି କରିବା ଲକ୍ଷ୍ୟ ହେବା ସହିତ ସମସ୍ତେ ଗୋଟିଏ ପରିବାରର ସଦସ୍ୟ / ସଦସ୍ୟା ଭାବେ ମନେ କରିବା ଆବଶ୍ୟକ ବୋଲି ସଭାପତି ଶ୍ରୀଯୁକ୍ତ ମିଶ୍ର କହିଥିଲେ। ଏହି ଅବସରରେ ପ୍ରାଉଡ଼ ପରଚେଜର ଭାବେ ନୀଳୟ କାନ୍ତ ନାୟକ, ଉଦ୍ୟୋଗୀ ସୀତାଂଶୁ ଶେଖର ମହାରଣାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମିନି ମଡେଲ

**ଭୁବନେଶ୍ୱର, ୨୮।୭ (ମହାଭାରତ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମ୍ପୂର୍ଣ୍ଣ ମଡେଲକୁ ପାଖରୁ ଦେଖିବେ ଶ୍ରଦ୍ଧାଳୁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିବାକୁ ଯାଇପାରୁ ନଥିବା ଭୁବନେଶ୍ୱରବାସୀଙ୍କୁ ପ୍ରକଳ୍ପ ଉନ୍ମୋଚନ ସମୟରେ ଏହି ସୁଯୋଗ ଦେବା ପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ମିନି ପରିକ୍ରମା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଖଣ୍ଡୋଲାଇଟ୍ ପଥରରେ ସୁସଜ୍ଜିତ ପରିକ୍ରମା ମାର୍ଗ, ନୂଆରୂପ ନେଇଥିବା ମଠ, ମନ୍ଦିରର ଅପରୂପ ଓ ଅବିକଳ ବିଭବ ଏଥିରେ ଦୃଶ୍ୟମାନ ହୋଇଥିଲା। ମୁମ୍ବାଇରୁ ଆସିଥିବା ଶିଳ୍ପୀମାନେ କାର୍ଡବୋର୍ଡରେ ଏହାକୁ ପ୍ରସ୍ତୁତ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିରକୁ ଭକ୍ତଙ୍କୁ ଆହୁରି ନିକଟତର କରିବା ପାଇଁ ପ୍ରାୟ ୧୫ ଫୁଟ ବ୍ୟାସାର୍ଦ୍ଧର ଏକ ମଣ୍ଡପରେ ପ୍ରକଳ୍ପ ପ୍ରସ୍ତୁତ କରାଯାଇ ଜନଗହଳି ସ୍ଥାନ ଯେପରିକି ରାମମନ୍ଦିର, ମାର୍କେଟ ବିଲଡିଂ, ଆଇଜି ପାର୍କ, ବିଏମ୍ସି କାର୍ଯ୍ୟାଳୟ, ଉତ୍କଳମଣ୍ଡପ ପ୍ରଭୃତି ସ୍ଥାନରେ ଏହାକୁ ସ୍ଥାପନ କରାଯାଇଥିଲା। ଏକ ବିଶାଳ କାଚର ଘୋଡ଼ଣୀରେ ଏହାକୁ ସଂଗୃହିତ କରି ରଖାଯାଇଥିଲା। ଯିଏ ବି ଯାଉଥିଲା ଘଡ଼ିଟିଏ ପାଇଁ ରହି ଏହାକୁ ଦେଖି ପୁରୀ ଯିବା ପାଇଁ ମନ ବଳାଉଥିଲା। ହେଲେ ବର୍ତ୍ତମାନ ପରିଚାଳନା ଅଭାବରୁ ଏହା ଶୋଚନୀୟ ସ୍ଥିତିରେ ପଡ଼ିରହିଛି। ପରିକ୍ରମା ପ୍ରକଳ୍ପ ଉଦ୍ଘାଟନ ସମୟରେ ଦର୍ଶକଙ୍କୁ ଆକର୍ଷିତ କରୁଥିବା ପ୍ରକଳ୍ପ ମଧ୍ୟ ଆବର୍ଜନା ପରି ପଡ଼ିରହିଛି। ଆଇଜି ପାର୍କରେ କାଚଘୋଡ଼ଣୀ ଆଉ ନାହିଁ। କାର୍ଡବୋର୍ଡଗୁଡ଼ିକ ସ୍ଥାନେ ସ୍ଥାନେ ଭାଙ୍ଗିଗଲାଣି। ଏପରିକି ପାଣି ପଡ଼ି କିଛି ସ୍ଥାନରେ ଶିଉଳି ହୋଇଗଲାଣି। ସେହିପରି ମାର୍କେଟ ବିଲଡିଂରେ ମଧ୍ୟ ବୋର୍ଡରୁ ପଟା ବାହାରିଗଲାଣି। ଏପରିକି କିଛି ପଟାରେ ଉଇ ଲାଗି ନଷ୍ଟ ହୋଇଗଲାଣି। ସେହିପରି ରାମମନ୍ଦିର ସମ୍ମୁଖରେ ମଧ୍ୟ ସମାନ ଅବସ୍ଥାୟ ସେଠାରେ ମଧ୍ୟ ପ୍ରକଳ୍ପଟି ନଷ୍ଟ ହୋଇଗଲାଣି। ଖାଲି ନାମକୁ ମାତ୍ର କାଚଘୋଡ଼ଣୀ ରହିଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆମର ନୁହେଁ କହି ବିଏମସି ଠାରୁ ଆରମ୍ଭ କରି ପର୍ଯ୍ୟଟନ ବିଭାଗ ପର୍ଯ୍ୟନ୍ତ ସମସ୍ତେ ପ୍ରସଙ୍ଗକୁ ଏଡ଼ାଇ ଯାଉଛନ୍ତି।



# ସାମସଙ୍ଗ ଗାଲାକ୍ସି ଜେଡ଼ ଫୋଲ୍ଡ୭, ଜେଡ଼ ଫ୍ଲିପ୭, ଜେଡ଼ ଫ୍ଲିପ୭ ଏଫଇ, ୱାଚ୍୮, ୱାଚ୍୮ କ୍ଲାସିକ୍ ବିକ୍ରୟ ଆରମ୍ଭ

**ଭୁବନେଶ୍ୱର, ୨୮।୭ (ମହାଭାରତ):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ସପ୍ତମ ପୀଢ଼ିର ଫୋଲଡ଼େବୁଲ ସ୍ମାର୍ଟଫୋନ ଗୁଡ଼ିକର ଭାରତରେ ରହିଥିବା ଗ୍ରାହକ ମାନଙ୍କ ପାଇଁ ବିକ୍ରୟ ଘୋଷଣା କରିବାକୁ ଯାଉଛି ଯାହା ମଧ୍ୟରେ ରହିଛି ସାମସଙ୍ଗ ଗାଲାକ୍ସି ଜେଡ଼ ଫୋଲ୍ଡ୭, ଜେଡ଼ ଫ୍ଲିପ୭, ଜେଡ଼ ଫ୍ଲିପ୭ ଏଫଇ ଏଥି ସହିତ ୱାଚ୍୮, ୱାଚ୍୮ କ୍ଲାସିକ୍ ଶୃଙ୍ଖଳ ଯାହାକି ଆପଣଙ୍କ ନିକଟସ୍ଥ ଖୁଚୁରା ବିକ୍ରୟ ଆଉଟଲେଟ ଗୁଡ଼ିକରେ ଉପଲବ୍ଧ ହେବ। ଗ୍ରାହକମାନେ ମଧ୍ୟ ଏହାକୁ ସାମସଙ୍ଗ ଡ଼ଟ କମ, ଆମାଜନ ଏବଂ ଫ୍ଲିପକାର୍ଟ ମାଧ୍ୟମରେ କ୍ରୟ କରିପାରିବେ।

ଗାଲାକ୍ସି ଜେଡ଼ ଫୋଲ୍ଡ୭, ଜେଡ଼ ଫ୍ଲିପ୭, ଜେଡ଼ ଫ୍ଲିପ୭ ଏଫଇ ସ୍ମାର୍ଟଫୋନ ଗୁଡ଼ିକ ଏକ ବିରାଟ ସଫଳତାକୁ ପ୍ରମାଣିତ କରିଛନ୍ତି ଏବଂ ପ୍ରି-ଅର୍ଡ଼ର ପାଇଁ ଥିବା ସାମସଙ୍ଗର ଏହି ସପ୍ତମ ପୀଢ଼ିର ଫୋଲଡ଼େବୁଲ ଉଚ୍ଚ ରେକର୍ଡ଼କୁ ଭାଙ୍ଗିଛି ଯାହାକି ଗ୍ରାହକ ମାନଙ୍କର ଅସାଧାରଣ ଉତ୍ସାହକୁ ଏଭଳି ଫୋଲଡ଼େବୁଲ ସ୍ମାର୍ଟଫୋନର ମୁଖ୍ୟଧାରା ଦିଗରେ ସଂକେତ ପ୍ରଦାନ କରୁଛି।

# ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ପୋଲିସ ବୁଥ୍ ସହିତ ସଡ଼କ ସୁରକ୍ଷାକୁ ପରିବର୍ଦ୍ଧିତ କଲା

**ଭୁବନେଶ୍ୱର, ୨୮।୭ (ମହାଭାରତ):** ସଡ଼କ ସୁରକ୍ଷା ଏବଂ ଗୋଷ୍ଠୀ କଲ୍ୟାଣ ପ୍ରତି ପ୍ରତିବଦ୍ଧତାର ଅଂଶ ଭାବରେ ଭାରତର ସର୍ବବୃହତ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ, ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଭୁବନେଶ୍ୱରର କେତେକ ସର୍ବାଧିକ ବ୍ୟସ୍ତବହୁଳ ଜଙ୍କ୍ସନଗୁଡିକରେ ଚାରିଟି ପୂର୍ଣ୍ଣ ସୁସଜ୍ଜିତ ପୋଲିସ ବୁଥ୍ ସ୍ଥାପନ କରି ଭୁବନେଶ୍ୱର ଟ୍ରାଫିକ ପୋଲିସକୁ ନିଜର ସମର୍ଥନ ଯୋଗାଇ ଦେଇଛି। ଏହି ପ୍ରୟାସ ବ୍ୟାଙ୍କର ସିଏସ୍ଆର କାର୍ଯ୍ୟକ୍ରମ ଅଧୀନରେ ହାତକୁ ନିଆଯାଇଥିବାବେଳେ ଏହାଦ୍ୱାରା ଟ୍ରାଫିକ ପରିଚାଳନାରେ ଉନ୍ନତି, ବାସ୍ତବ କ୍ଷେତ୍ରରେ ଟ୍ରାଫିକ ନିୟମର ପ୍ରବର୍ତ୍ତନ ଏବଂ ଜନସାଧାରଣଙ୍କ ନିମନ୍ତେ ନିରାପଦ ଗମନାଗମନ ଅନୁଭୂତିକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ନୂଆକରି ଉଦ୍‌ଘାଟିତ ବୁଥ୍‌ଗୁଡିକ ପ୍ରତିଦିନ ବିପୁଳ ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବା କେଶୁରା ଛକ, ଗ୍ୟାରେଜ ଛକ, ପଲାଶୁଣି ଏବଂ ରାଜମହଲ ଛକରେ ରଣକୌଶଳାତ୍ମକ ଦୃଷ୍ଟିରୁ ଅବସ୍ଥିତ।

# କୋଟକ ମ୍ୟୁଚୁଆଲ ଫଣ୍ଡ୍ ଆୟ ବୃଦ୍ଧି ନିମନ୍ତେ ଶୁଭାରମ୍ଭ

**ଭୁବନେଶ୍ୱର, ୨୮।୭ (ମହାଭାରତ):** କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ ("କେଏମ୍ଏଏମ୍ସି" / "କୋଟକ ମ୍ୟୁଚୁଆଲ ଫଣ୍ଡ୍") ଗତିଶୀଳତା ବିଷୟକୁ ଅନୁସରଣ କରି ଏକ ଓପନ୍-ଏଣ୍ଡେଡ ଇକ୍ୱିଟି ସ୍କିମ୍ କୋଟକ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ୍ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହି ଫଣ୍ଡ୍ ଆଭ୍ୟନ୍ତରୀଣ ନିଜସ୍ୱ ମଡେଲରେ ପ୍ରସ୍ତୁତ ଆୟ ଗତିଶୀଳତା ରହିଥିବା ଷ୍ଟକ୍‌ଗୁଡିକୁ ଚିହ୍ନଟ କରି ସୁଯୋଗଗୁଡିକୁ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ସ୍କିମ୍ ଜନସାଧାରଣଙ୍କ ସବ୍ସ୍କ୍ରିପ୍ସନ ନିମନ୍ତେ ୨୦୨୫ ଜୁଲାଇ ୨୯ରୁ ୨୦୨୫ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ।

ଗତିଶୀଳତା ଆଧାରିତ ପାଣ୍ଠି ନିବେଶ ସାଧାରଣତଃ ମୂଲ୍ୟ ବୃଦ୍ଧି ଘଟୁଥିବା ଷ୍ଟକଗୁଡିକ କ୍ରୟ ଭିତ୍ତିକ ହୋଇଥାଏ, ଯେଉଁଥିରେ ଏହି ଧାରା ଜାରି ରହିବା ଆଶା କରାଯାଏ। ତେବେ ଗତିଶୀଳତା କେବଳ ମୂଲ୍ୟ କ୍ଷେତ୍ରରେ ସୀମିତ ନୁହେଁ। ଆୟକାରୀ ଗତିଶୀଳତା ଉର୍ଦ୍ଧ୍ୱମୁଖୀ ହେଉଥିବା ଏବଂ ଅନୁକୂଳ ଆନାଲିଷ୍ଟ ରେଟିଂ ପ୍ରାପ୍ତ ହେଉଥିବା ଏବଂ ମଜଭୁତ ମୂଳଦୁଆ ସମର୍ଥନ ରହୁଥିବା ଷ୍ଟକଗୁଡିକ ଉପରେ ଦୃଷ୍ଟିନିବଦ୍ଧ କରିଥାଏ। କୋଟକ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ୍ ଆନାଲିଷ୍ଟମାନଙ୍କର ତାଜା ତଥ୍ୟ ଅଥବା ସକାରାତ୍ମକ ଚକିତ କରିବା ଭଳି ଆୟ ଆଧାରରେ ସେୟାର ପିଛା ବର୍ଦ୍ଧିତ ଆୟ (ଇପିଏସ୍) କରୁଥିବା କମ୍ପାନୀଗୁଡିକୁ ଲକ୍ଷ୍ୟ ରଖୁଛି। ନିଜସ୍ୱ ମଡେଲ ଆୟ ଏବଂ ବିକ୍ରି କ୍ଷେତ୍ରରେ ଅଭିବୃଦ୍ଧି ସହିତ ଆନାଲିଷ୍ଟଙ୍କ ରେଟିଂକୁ ଉପଯୋଗ କରି ଗତିଶୀଳତାର ମୂଲ୍ୟାୟନ କରିଥାଏ। ନିଲେଶ ଶାହ, ମ୍ୟାନେଜିଂ ଡାଇରେକ୍ଟର, କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ କହିଥିଲେ, "ବଜାରଗୁଡିକ ସର୍ବଦା ଆୟ ଉପରେ ନଜର ରଖିଥାନ୍ତି। ଐତିହାସିକ ଦୃଷ୍ଟିରୁ ଆୟ ଉଭୟ ବୁଲ୍ ଏବଂ ବିଅର୍ (ବୃଦ୍ଧି ଓ ହ୍ରାସ) ପର୍ଯ୍ୟାୟଗୁଡିକରେ ମୂଲ୍ୟ ତୁଳନାରେ ଯଥେଷ୍ଟ ଭଲ ପ୍ରଦର୍ଶନ କରିଛି। ଏହି ସ୍ଥାୟୀ ଶୈଳୀ ଆମ ଫଣ୍ଡର ମୂଳଦୁଆ ଅଟେ। କୋଟକ ମ୍ୟୁଚୁଆଲ୍ ଫଣ୍ଡରେ ଆମେ ଏଭଳି ଏକ ମଡେଲ ବିକଶିତ କରିଛୁ ଯାହା କେବଳ ମୂଲ୍ୟଗତ ଧାରାର ଉର୍ଦ୍ଧ୍ୱରେ ରହୁଛି।"

ଏହି ଫଣ୍ଡ୍ ପୋର୍ଟଫୋଲିଓ ଦୁର୍ବଳ ଷ୍ଟକ୍‌ଗୁଡିକୁ ବାଦ୍‌ଦେବା ନିମନ୍ତେ ବ୍ୟାପକ ଯାଞ୍ଚ ବ୍ୟବସ୍ଥା ପ୍ରୟୋଗ କରି ବଜାର ପୁଞ୍ଜିକରଣ ଦୃଷ୍ଟିରୁ ଶୀର୍ଷ ୨୫୦ ଷ୍ଟକ୍ ଆଧାରରେ ପ୍ରସ୍ତୁତ କରାଯାଇଛି। ତାହାର ଫଳସ୍ୱରୂପ ୪୦-୫୦ ଉଚ୍ଚ ଗୁଣମାନର ବିବିଧକୃତ ଷ୍ଟକ୍‌ଗୁଡିକର ଗତିଶୀଳତା ଭାବରେ ସମୀକ୍ଷା କରାଯାଉଛି ଏବଂ ନୂତନ ସୁଯୋଗର ଫାଇଦା ନେବାକୁ ସେଥିରେ ପୁନଃସନ୍ତୁଳନ ରକ୍ଷା କରାଯାଉଛି। ରୋହିତ ଟଣ୍ଡନ, ଫଣ୍ଡ୍ ମ୍ୟାନେଜର, କୋଟକ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ, ମତଦେଇ କହିଥିଲେ, "ଆମେ ଆୟ ଆଧାରରେ ଗତିଶୀଳତାକୁ ଧରି ରଖିବା ନିମନ୍ତେ ପାଣ୍ଠି ନିବେଶ ରଣକୌଶଳକୁ ଡାଟା ସାଇନ୍ସ ସହିତ ସମନ୍ୱିତ କରିଛୁ। କୋଟକ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ୍ ଏକ ସରଳ ଏକନିଷ୍ଠତା ଉପରେ ନିର୍ମିତ ହୋଇଛି।

# କିମସରେ ଆଇଭିଏଫ ଦିବସ

**ଭୁବନେଶ୍ୱର, ୨୮।୭ (ମହାଭାରତ):** କୃତ୍ରିମ ପ୍ରଜନନ କ୍ଷେତ୍ରରେ ନିରନ୍ତର ସଫଳତା ପାଇଁ ଜଣାଶୁଣା କିମସର ସେଣ୍ଟର ଫର୍ ରିପ୍ରଡକ୍ଟିଭ୍ ମେଡିସିନ୍ (ସିଆରଏମ)ରେ ପ୍ରଜନନ ସଚେତନତା ବାର୍ତ୍ତା ସହିତ ବିଶ୍ୱ ଆଇଭିଏଫ ଦିବସ ପାଳିତ ହୋଇଯାଇଛି। ୨୦୧୭ରେ ପ୍ରତିଷ୍ଠା ହେବା ପରଠାରୁ କିମ୍‌ସର ଏହି କେନ୍ଦ୍ରରେ ୫୮ ପ୍ରତିଶତ ସଫଳତା ସହ ୫୦୦୦ରୁ ଅଧିକ ବନ୍ଧ୍ୟାତ୍ୱ ଚିକିତ୍ସା କରାଯାଇଛି।



ଏହି କାର୍ଯ୍ୟକ୍ରମରେ ସିଆରଏମର ମୁଖ୍ୟ ପରାମର୍ଶଦାତା ଡା ମୌସୁମୀ ଆଚାର୍ଯ୍ୟ କେନ୍ଦ୍ରର ସଫଳ ଯାତ୍ରା ଉପରେ ଆଲୋକପାତ କରିଥିଲେ। ଏବେ ଏଠାରେ ବିଶ୍ୱସ୍ତରୀୟ ଚିକିତ୍ସା ପ୍ରଦାନ କରାଯିବା ସହ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଜରିଆରେ ବନ୍ଧ୍ୟାକରଣ ଚିକିତ୍ସା କରାଯାଉଛି ବୋଲି ଡା. ଆଚାର୍ଯ୍ୟ କହିଥିଲେ। କିମ୍‌ସର ଏହି ସିଆରଏମ ଦଳ ପ୍ରଜନନ ଔଷଧରେ ଏକ ଫେଲୋସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିବା ନେଇ ଘୋଷଣା କରିଛି। ପରବର୍ତ୍ତୀ ପିଢ଼ିର ପ୍ରଜନନ ବିଶେଷଜ୍ଞମାନଙ୍କୁ ତାଲିମ ଦେବା ଏହାର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। କିମସର ମେଡିକାଲ୍ କଲେଜ ଅଧକ୍ଷ ପ୍ରଫେସର ଡା ଆର.ସି. ଦାସ କହିଲେ, ଏଠାରେ ଆମେ କେବଳ ବନ୍ଧ୍ୟାକରଣର ଚିକିତ୍ସା କରୁନାହିଁ ବରଂ ଜୀବନ ସୃଷ୍ଟି କରୁଛୁ।

କିମ୍‌ସ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ମୁଖ୍ୟ ପ୍ରଫେସର ଜ୍ୟୋତ୍ସ୍ନାମୟୀ ପଣ୍ଡା କହିଲେ, ପ୍ରଜନନ ବିଜ୍ଞାନ ଦ୍ରୁତ ଗତିରେ ବିକଶିତ ହେଉଛି। ଆମେ ବର୍ତ୍ତମାନ ଆଇଭିଏଫରୁ ଆଇଭିଜି ଆଡକୁ ଅଗ୍ରଗତି କରୁଛୁ। କିମସ ସ୍କୁଲ୍ ଅଫ୍ ନର୍ସିଂ (କିନସ) ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିନସ ଅଧକ୍ଷା ପ୍ରଫେସର ନିୟତି ଦାସ ବନ୍ଧ୍ୟାକରଣ ଚିକିତ୍ସାରେ ନର୍ସମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଲେଖିକା ଓ ଉଦ୍‌ଘୋଷିକା କଳ୍ପନା ମିଶ୍ର 'ଜଣେ ମାଆ ଦ୍ୱାରା ଜଣେ ମାଆକୁ' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି ବନ୍ଧ୍ୟାତ୍ୱ ବିଷୟରେ ଲିଙ୍ଗଗତ ଷ୍ଟେରିଓଟାଇପ୍ ଭାଙ୍ଗିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଖୋର୍ଦ୍ଧାରେ ମରାଗଲା ୪୫୦୦ କୁକୁଡ଼ା

**ଭୁବନେଶ୍ୱର, ୨୮।୭ (ମହାଭାରତ):** ପୁରୀ ଜିଲ୍ଲାରେ କୁକୁଡ଼ା ମଡ଼କ ପରେ ଏବେ ଗତ କିଛି ଦିନ ଧରି ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ସମେତ ବିଭିନ୍ନ ଅଞ୍ଚଳର କୁକୁଡ଼ା ଫାର୍ମଗୁଡ଼ିକରେ କୁକୁଡ଼ା ମଡ଼କ ଦେଖା ଦେଇଥିଲା। ଅନେକ କୁକୁଡ଼ା ଫାର୍ମ ନିଜର ବ୍ୟବସାୟ ବନ୍ଦ କରିଦେଇଥିଲେ । ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କୁକୁଡ଼ାଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ନିମନ୍ତେ ଭୋପାଳ ପଠାଯାଇଥିଲା । ଗୁରୁବାର ଏହାର ରିପୋର୍ଟ ଆସିବା ପରେ କୁକୁଡ଼ାଙ୍କ ଠାରେ 'ବାର୍ଡ ଫ୍ଲୁ' ଥିବା ସ୍ପଷ୍ଟ ହୋଇଛି। ପରେ ଜଙ୍କିଆ ମୁଣ୍ଡାଆମ୍ବ ଅଞ୍ଚଳରେ ସଂକ୍ରମିତ କୁକୁଡ଼ାଙ୍କୁ ମାରିବାକୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ତେବେ ପ୍ରଥମ ପର୍ଯ୍ୟାୟରେ ୪୫୦୦ କୁକୁଡ଼ାଙ୍କୁ ମରାଯାଇଥିବା ଜଣାଯାଇଛି । ଗତ ସପ୍ତାହରେ ଖୋର୍ଦ୍ଧା ଡେପୁଟି ଡାଇରେକ୍ଟର -ମାନସ କୁମାର ଚାନ୍ଦ ଙ୍କ ନେତୃତ୍ୱରେ ଏକ ପଶୁ ଚିକିତ୍ସକ ଟିମ୍ ଆସି ଜଙ୍କିଆରୁ ନମୁନା ସଂଗ୍ରହ କରିଥିଲେ। ଆଜି ଭୋପାଳରୁ ଆସିଥିବା ପରୀକ୍ଷଣ ରିପୋର୍ଟରେ କୁକୁଡ଼ାଙ୍କ ଠାରେ ବାର୍ଡ ଫ୍ଲୁ ଭୂତାଣୁ ଥିବା ସ୍ପଷ୍ଟ ହୋଇଛି। ଏହାପରେ, କଟକର ଅତିରିକ୍ତ ପ୍ରାଣୀ ନିର୍ଦ୍ଦେଶକ ମିହିର ନାୟକ, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ରବି ନାରାୟଣ ପଟ୍ଟନାୟକ, ଡେପୁଟି ଡାଇରେକ୍ଟର ମାନସ କୁମାର ଚାନ୍ଦ, କଟକ ତିଗିରିଆ ପ୍ରାଣୀ ଚିକିତ୍ସକ ସତ୍ୟବ୍ରତ ଦାସ, ବାଲିପାଟଣା ପ୍ରାଣୀ ଚିକିତ୍ସକ ପ୍ରିତମ ପ୍ରିତିମାନ ପଣ୍ଡା ଓ କନ୍ଧମାଳ, ଟାଙ୍ଗୀ, ସିକୋ, ବେଗୁନିଆ, ଆଠଗଡ ଆଦିର ପ୍ରାଣୀ ଚିକିତ୍ସକଙ୍କ ସମେତ ପ୍ରାୟ ୫୦ ରୁ ଉର୍ଦ୍ଧ ଅଧିକାରୀ ଓ କର୍ମଚାରୀ ଜଂକିଆରେ ମୁଣ୍ଡାଆମ୍ବ ଅଂଚଳରେ ପହଞ୍ଚିଥିଲେ। ସେଠାରେ ଥିବା ଏକ ଫାର୍ମର ୪୫୦୭ କୁକୁଡ଼ାଙ୍କୁ ହତ୍ୟା ଓ ମହଜୁଦ ଥିବା ୧୬ଶହ କେଜି କୁକୁଡ଼ା ଦାନାକୁ ନଷ୍ଟ କରିଥିଲେ। ମଲା କୁକୁଡ଼ା ଓ ଦାନାଗୁଡ଼ିକୁ ଜେସିବିରେ ଏକ ଗାତ ଖୋଳି ପୋତିଥିଲେ । ବର୍ତ୍ତମାନ ପ୍ରାଣୀ ଚିକିତ୍ସକ ଟିମ୍ ଜଙ୍କିଆ ପଂଚାୟତ କାର୍ଯ୍ୟାଳୟରେ ଡେରା ପକାଇଛନ୍ତି । ତେବେ ଶୁକ୍ରବାର ମଧ୍ୟ ଏହି କୁକୁଡ଼ା ମରା ଅଭିଯାନ ଜାରି ରହିବ ବୋଲି ପ୍ରାଣୀ ସମ୍ପଦ ବିଭାଗ ସୂତ୍ରରୁ ପ୍ରକାଶ।



# ବରିଷ୍ଠ ନାଗରିକ ଆର୍ଥିକ ସଚେତନତା କର୍ମଶାଳା

**ଭୁବନେଶ୍ୱର, ୨୮।୭ (ମହାଭାରତ):** ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହଯୋଗରେ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ସ୍ଥିତ ବରିଷ୍ଠ ନାଗରିକ ସଙ୍ଘ ଗୃହ ଠାରେ ବରିଷ୍ଠ ନାଗରିକ ଆର୍ଥିକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃଷ୍ଣଚନ୍ଦ୍ର ସୂଆରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଇବର ବିଶେଷଜ୍ଞ ଲିଙ୍ଗରାଜ ସେଠୀ ଯୋଗଦେଇ ବିଭିନ୍ନ ପ୍ରକାର ସାଇବର ଠକେଇ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ବରିଷ୍ଠ ନାଗରିକ ମାନଙ୍କର ସରଳତାର ସୁଯୋଗ ନେଇ ସାଇବର ଠକ ମାନେ ଲୁଟି ଥାଆନ୍ତି। ତେଣୁ ଆମ୍ଭେମାନେ ମୋବାଇଲ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବାକୁ ପଡିବ। କୌଣସି ଗୁପ୍ତ ନମ୍ବର କାହାକୁ ଦେବେ ନାହିଁ, ଅଯଥା କଲ୍ ଉଠାଇବେ ନାହିଁ, ଏଟିଏମରୁ ଟଙ୍କା ଉଠାଣ ସମୟରେ କାହା ସମ୍ମୁଖରେ ଗୁପ୍ତ ନମ୍ବର ବ୍ୟବହାର କରିବେ ନାହିଁ। ସେହିପରି ବିଭିନ୍ନ ସାଇବର ଠକେଇର ଉଦାହରଣ ଦେବା ସହିତ ସତର୍କ ରହିବା ପାଇଁ ପରାମର୍ଶ ଦେଇଥଲେ।

# ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ

**ଭୁବନେଶ୍ୱର, ୨୮।୭ (ମହାଭାରତ):** ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ।



ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ନିଜର ଅଭିଭାଷଣରେ କହିଥିଲେ ଯେ, ଓଡ଼ିଶାର ସାରସ୍ୱତ ସାହିତ୍ୟ ସମ୍ଭାରକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାରେ ଓଡ଼ିଶା ସାହିତ୍ୟ ଏକଡେମୀ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ବିଗତ ଏକବର୍ଷ ମଧ୍ୟରେ ଅନେକ ନୂତନ କାର୍ଯ୍ୟକ୍ରମ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କରାଯାଇଛି। କେନ୍ଦୁଝରରେ ମହାନ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ, ମୟୁରଭଞ୍ଜ ରାଇରଙ୍ଗପୁର ଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ, କେନ୍ଦୁବିଲ୍ୱଠାରେ ମହାକବି ଜୟଦେବଙ୍କ ଜୟନ୍ତୀ ସହ ପୂର୍ବାଞ୍ଚଳ ଲେଖକ ସମ୍ମିଳନୀର ଆୟୋଜନ, ଓଡ଼ିଆ ପକ୍ଷ ପାଳନ ସମୟରେ ଯୁବ ଲେଖକ ସମ୍ମିଳନୀ ଏବଂ ଅନେକ ପୁସ୍ତକ ପ୍ରକାଶନ ସହ ଆଲୋଚନା ଚକ୍ରର ମଧ୍ୟ ଆୟୋଜନ କରାଯାଇଛି। ବିଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୪୦ରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ନିଜର କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର କୋଣଅନୁକୋଣରେ ଲୋକଙ୍କ ନିକଟରେ ପହଞ୍ଚିପାରିଛି। ଏକ ନୂତନ ସାହିତ୍ୟ ଅନୁରାଗୀ ପିଢ଼ି ଗଠନ କରିବାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଫଳ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ। ଏଥିସହ ଡିଜିଟାଲ ଏବଂ ଏ.ଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ପ୍ଲାଟଫର୍ମରେ ଓଡ଼ିଆ ଭାଷାକୁ ଅନ୍ତର୍ଭୁକ୍ତ କରାଇବା ସହ ଓଡ଼ିଆ ଭାଷାକୁ ବିଶ୍ୱବିଦିତ କରାଇବା ପାଇଁ ଆମେ ସଦାସର୍ବଦା ନିଜର ନିରନ୍ତର ପ୍ରୟାସ ଜାରି ରଖିବା ଉଚିତ୍ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ମତପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାରସ୍ୱତ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଏବଂ ଓଡ଼ିଶା ସାହିତ୍ୟ ଏକଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଲେଖକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିବା ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପଣ୍ଡିତ ହରିହର ଦାସ, ସାରସ୍ୱତ ସାଧକ ନନ୍ଦ କିଶୋର ସାମଲଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀଗଣ, ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ସଂଖ୍ୟାଲଘୁ ତୁଷ୍ଟିକରଣ

ରାଜ୍ୟରେ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ହେବା ପରେ ଏହା ଅତି ମାତ୍ରାରେ ବୃଦ୍ଧି ପାଇଛି ଏବଂ ଏହା ଏକ ପ୍ରକାର ବିସ୍ଫୋରକ ପରିସ୍ଥିତି ସୃଷ୍ଟି କଲାଣି। ମମତାଙ୍କ ସଂଖ୍ୟାଲଘୁ ତୁଷ୍ଟିକରଣ ନୀତି, ଭୋଟ ବ୍ୟାଙ୍କ ରାଜନୀତି, ମିଛ ଧର୍ମନିରପେକ୍ଷତା ପାଇଁ ଆଜି ଏହି ପରିସ୍ଥିତି ସୃଷ୍ଟି ହୋଇଛି। ମମତା ଯାହା କରୁଛନ୍ତି ତାହା ଏକ ଦେଶବିରୋଧୀ କାର୍ଯ୍ୟ। ଆଜି ନହେଲେ କାଲି ଏହା ଭାରତ ପାଇଁ ବିରାଟ ସମସ୍ୟା ଭାବେ ଉଭା ହେବ। ବର୍ତ୍ତମାନ ପଶ୍ଚିମବଙ୍ଗ ଆଉ ଏକ ବଙ୍ଗଳାଦେଶ ଏବଂ ମମତାଙ୍କ ଟିଏମସି ଆଉ ଏକ ମୁସଲିମ ଲିଗ ଭଳି ମନେ ହେଉଛି। ନିକଟରେ ଅସାଦୁଦ୍ଦିନ ଓୱେସିଙ୍କ ଦଳର ବରିଷ୍ଠ ନେତା ଇମ୍ରାନ ସୋଲାଙ୍କୀ କହିଛନ୍ତି ଯେ, ପଶ୍ଚିମବଙ୍ଗ ବିଧାନସଭା ଲାଗି ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ନିର୍ବାଚନରେ ତାଙ୍କ ଦଳ ଏଆଇଏମଆଇଏମ ସବୁ ଆସନରେ ପ୍ରାର୍ଥୀ ଦେବ। ସେ କହିଛନ୍ତି ଯେ, ରାଜ୍ୟ ଜନସଂଖ୍ୟାରେ ହାରାହାରି ୪୦% ଏବେ ମୁସଲିମ। ତେଣୁ ନିର୍ବାଚନରେ ତାଙ୍କ ଦଳକୁ ନିଶ୍ଚିତ ଭାବେ ବିପୁଳ ସଫଳତା ମିଳିବ। ତାଙ୍କର ଏହି କଥାରୁ ପରିସ୍ଥିତି କେତେ ଗମ୍ଭୀର ତାହା ସହଜରେ ଅନୁମେୟ। ପଶ୍ଚିମବଙ୍ଗରେ ମୋଟ ଜନସଂଖ୍ୟାର ୪୦% ଯଦି ବାସ୍ତବରେ ମୁସଲମାନ ହୋଇଥିବେ ତେବେ ଏଥିପାଇଁ ମମତା ଦାୟୀ। କାଲି ଏହା ୫୦ ପ୍ରତିଶତ ଟପିପାରେ। ଏହା ଫଳରେ ପଶ୍ଚିମବଙ୍ଗ ଆଉ ଏକ ବାଂଲାଦେଶରେ ପରିଣତ ହେବା ବା ଏହା ବାଂଲାଦେଶରେ ମିଶିଯିବା ଅସମ୍ଭବ ନୁହେଁ। ଏଥିପାଇଁ ଯେଉଁମାନେ ଦାୟୀ, ଯେଉଁମାନେ ମିଛ ଧର୍ମନିରପେକ୍ଷତାର ଖୋଳପାରେ ରହି ନିଜ ବ୍ୟକ୍ତିଗତ ଫାଇଦା ପାଇଁ ଦେଶକୁ ବିପଦକୁ ଠେଲି ଦେଉଛନ୍ତି ସେମାନଙ୍କୁ ଇତିହାସ କେବେ କ୍ଷମା ଦେବନି। ଏଆଇଏମଆଇଏମ ହେଉଛି ଏକ ସାମ୍ପ୍ରଦାୟିକ ଦଳ। ଏହା ମୁସଲମାନ ଭୋଟ ବ୍ୟାଙ୍କ ଉପରେ ନିର୍ଭରଶୀଳ। କିନ୍ତୁ କଂଗ୍ରେସ, ଟିଏମସି ଭଳି ଦଳମାନେ ଏହାକୁ କେବେ ସମାଲୋଚନା କରିବା ଦେଖିବାକୁ ମିଳିନି। କାରଣ ହେଲା ସଂଖ୍ୟାଲଘୁ ତୁଷ୍ଟିକରଣ। ପଶ୍ଚିମବଙ୍ଗରେ ମୋଟ ଜନସଂଖ୍ୟାର ୪୦% ଯଦି ମୁସଲମାନ , ତେବେ ଏଥିରେ ଏଆଇଏମଆଇଏମ ଖୁସି ହେବାର କାରଣ ହେଲା ଏହାଦ୍ୱାରା ଦଳ ଫାଇଦା ପାଇବ ବୋଲି ଆଶା କରୁଛି। କାରଣ ଅସାଦୁଦ୍ଦିନଙ୍କ ଦଳକୁ କେବଳ ମୌଳବାଦୀ ଚିନ୍ତାଧାରା ରଖିଥିବା ମୁସଲମାନ ମାନେ ହିଁ ଭୋଟ ଦିଅନ୍ତି। ଯଦି ପଶ୍ଚିମବଙ୍ଗରେ ବାସ୍ତବରେ ଏଆଇଏମଆଇଏମ ସବୁ ଆସନରେ ପ୍ରାର୍ଥୀ ଦେବ ଏବଂ ଭଲ ଭୋଟ ପାଇବ, ତେବେ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହେବ ମମତାଙ୍କ ଟିଏମସି। କାରଣ ଏହି ଦଳର ଭୋଟ ବ୍ୟାଙ୍କରେ ଅସାଦୁଦ୍ଦିନ ଭାଗ ବସାଇବେ। ଇତିହାସରେ ମିର୍ଜାଫରଙ୍କ ନାମ ସବୁ ଦିନେ କଳାଅକ୍ଷରରେ ଲିପିବଦ୍ଧ ହୋଇ ରହିଛି। କାଲି ମମତା ବାନାର୍ଜୀଙ୍କ ନାମ ମଧ୍ୟ ଏହି ତାଲିକାରେ ରହିବ ଯେଉଁମାନେ କ୍ଷମତା ଏବଂ ବ୍ୟକ୍ତିଗତ ଫାଇଦା ପାଇଁ ଦେଶର ସ୍ୱାର୍ଥକୁ ବଳି ପକାଇଛନ୍ତି। ମମତା ବାନାର୍ଜୀ ପଶ୍ଚିବଙ୍ଗରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଏବଂ ପ୍ରୋତ୍ସାହନ ଦେଉଛନ୍ତି। ସେମାନଙ୍କୁ ସ୍ଥାୟୀ ଭାବେ ବସବାସ କରିବାକୁ ଜମି ଦେଉଛନ୍ତି। ସେମାନଙ୍କୁ ଭୋଟର ତାଲିକାରେ ସାମିଲ କରାଯାଉଛି। ଉଦ୍ଦେଶ୍ୟ ହେଲା କେବଳ ମୁସଲମାନ ଭୋଟରଙ୍କ ସଂଖ୍ୟା ବୃଦ୍ଧି କରିବା। ସେଥିପାଇଁ ସେ ନାଗରିକତ୍ୱ ସଂଶୋଧନ ଆଇନ ଏବଂ ନାଗରିକ ପଞ୍ଜିକରଣ ପ୍ରସ୍ତାବକୁ ବିରୋଧ କରୁଛନ୍ତି। କେବଳ ଦେଶ ବିରୋଧୀଙ୍କୁ ପ୍ରଶ୍ରୟ ଦେବା ଏହାର ଉଦ୍ଦେଶ୍ୟ। ଏଥିପାଇଁ ପଶ୍ଚିମବଙ୍ଗର ଅସ୍ତିତ୍ୱ ଆଜି ବିପଦରେ। ଏଥିପାଇଁ ମମତାଙ୍କ ବିରୋଧରେ ସାରା ଦେଶରେ ବିକ୍ଷୋଭ, ସମାବେଶ ହେବା ଉଚିତ। ତାଙ୍କୁ ସବୁ ସ୍ତରରେ ବିରୋଧ କରାଯିବା ଉଚିତ। ତାଙ୍କ ଧର୍ମନିରପେକ୍ଷତାର ମୁଖାକୁ ଖୋଲିଦିଆଯିବା ଉଚିତ।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

*“ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ତ୍ରୁଟି ଉପୁଜିଯିବା ସହ ଯନ୍ତ୍ରଣା ପାଇଥାଏ।*

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା’ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ତ୍ରୁଟି ଉପୁଜିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା’ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରସା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**
**ଦୂରଭାଷ : ୯୪୩୭୧୨୪୦୭୪**

# ସତ୍ୟନାରାୟଣ ପାଲାରେ ଶ୍ରୀଜଗନ୍ନାଥ

॥ ଅଲେଖ ଚନ୍ଦ୍ର ସାମଲ ॥

ଶ୍ରୀଜଗନ୍ନାଥ ହେଉଛନ୍ତି ହିନ୍ଦୁମାନଙ୍କର ଧର୍ମଧାରଣା, ଚିନ୍ତା ଓ ଚେତନାର ପ୍ରାଣବିନ୍ଦୁ । ହିନ୍ଦୁ ମାନଙ୍କର ଉଜ୍ୱଳ କାମନା ପୂରଣ ନିମିତ୍ତ ଅର୍ଚ୍ଚନାରେ ମଧ ସେଇ ମହାପ୍ରଭୁଙ୍କର ପ୍ରଭୁତ୍ୱ ଅନୁଭୂତ ହୋଇଥାଏ । ବହୁ ପ୍ରାଚୀନ କାଳରୁ ‘ସତ୍ୟନାରାୟଣ’ ପୂଜା ପଦ୍ଧତି ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । ସ୍କନ୍ଧ ପୁରାଣର ରେବାଖଣ୍ଡରେ ‘ସତ୍ୟନାରାୟଣ’ଙ୍କ ପ୍ରସଙ୍ଗ ଚାରିଗୋଟି ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଏହି ପୁରାଣରେ ପ୍ରଦତ୍ତ ମତ ଅନୁଯାୟୀ ସତ୍ୟନାରାୟଣ ନିଜ ପୂଜା ସମ୍ବନ୍ଧରେ ନାରଦଙ୍କୁ ନାରଦ ଶୁକଦେବଙ୍କୁ ଓ ଶୁକ ନୈମିଷ୍ୟାରଣ୍ୟରେ ସନକାଦି ମୁନୀ ମାନଙ୍କୁ କହିଥିଲେ । ସ୍କନ୍ଧ ପୁରାଣର ବର୍ଣ୍ଣିତ ସତ୍ୟନାରାୟଣ ପୂଜା କଥାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କାମନା ପୂରଣ ପାଇଁ ସତ୍ୟନାରାୟଣ ପୂଜା ଏକ ଫଳପ୍ରଦ ମାଧ୍ୟମ ଅଟେ । ତାଙ୍କରି ଆଶିର୍ବାଦର ସୁଖ, ସମ୍ପଦ, ସନ୍ତାନ, ସୌଭାଗ୍ୟ ପ୍ରଭୃତ ପ୍ରାପ୍ତି ହୋଇଥାଏ । ସ୍କନ୍ଧ ପୁରାଣର ରେବାଖଣ୍ଡରେ କୁହାଯାଇଛି –‘ଯସ୍ମିନ୍ କସ୍ମିନ୍ ଦିନେ ମର୍ତ୍ତ୍ୟୋ ଭକ୍ତି ଶ୍ରଦ୍ଧା ସମନ୍ୱିତଃ, ସତ୍ୟନାରାୟଣଂ ଦେବଂ ଯଜେତ୍ ତୁଷ୍ଟୋ ନିଶାମୁଖେ, ପ୍ରସାଦ ଭକ୍ଷୟେତ ଭକ୍ତ୍ୟା ନୃତ୍ୟାଗୀତାଦିଙ୍କ ଚରେତ ଏବଂ କୃତ୍ୱା ମନୁଷ୍ୟାଣାଂ ବାଞ୍ଛାସିଦ୍ଧି ଭବେତ୍ ଧ୍ରୁବମ୍’ ।।

କାଳକ୍ରମେ ସତ୍ୟନାରାୟଣଙ୍କ ମୁହଁ ମୁସଲମାନ ମାନଙ୍କର ‘ପୀର’ ଶବ୍ଦ ମିଳିତ ହୋଇ ସତ୍ୟପୀର ଶବ୍ଦ ଓ ଦେବତାଙ୍କର ମହିମା ପ୍ରସାରିତ ହେଲା । ମିଛ ଦୁନିଆରେ ‘ନାରାୟଣ’ ହିଁ ଏକମାତ୍ର ସତ୍ୟ ଏବଂ ସତ୍ୟ ମଧ୍ୟରେ ହିଁ ତାଙ୍କର ସ୍ୱରୂପ ପ୍ରକଟିତ ହୋଇଥାଏ । ପରାସୀ ଭାଷାରେ ‘ପୀର’ ଶବ୍ଦ ଅଲୌକିକ ଶକ୍ତି ସମ୍ପନ୍ନ ଧର୍ମ ପ୍ରତିଷ୍ଠାତାଙ୍କୁ ବୁଝାଇଥାଏ । ‘ନାରାୟଣ’ ଓ ଧର୍ମ ପ୍ରତିଷ୍ଠାତା ଉଭୟ ଦୃଷ୍ଟିକୋଣରୁ ଚିନ୍ତା କଲେ ରୂପେ ବିଦିତ । ‘ହୟଶୀର୍ଷ ପଞ୍ଚରାତ୍ର’ ମତରେ ବିଷ୍ଣୁ ପୌଷ ମାସରେ ‘ନାରାୟଣ’ ଭାବେ ପୂଜିତ ହୁନ୍ତି । ବିଷ୍ଣୁ ଓ ଜଗନ୍ନାଥ ଅଭିନ୍ନ ସତ୍ତା ହୋଇଥିବାରୁ ଜଗନ୍ନାଥଙ୍କୁ ନାରାୟଣ ରୂପେ ଗ୍ରହଣ କରି ନେବାରେ ଶାସ୍ତ୍ରିୟ ଦ୍ୱନ୍ଦ ସୃଷ୍ଟି ହୁଏ ନାହିଁ । ନୀଳାଦ୍ରି ମହୋଦୟରେ ଜଗନ୍ନାଥଙ୍କୁ ନାରାୟଣ ରୂପେ ବର୍ଣ୍ଣନା କରାଯାଇ କୁହାଯାଇଛି – ‘ଜଗନ୍ନାଥ ନମସ୍ତେଽସ୍ତୁ ଜଗତାଂ ପତୟେ ନମଃ, ନାରାଣ ଜଗଦ୍ଧାମ ଶ୍ୟାମ ସୁନ୍ଦର ରମ୍ୟପତେ ।’ ବାମଦେବ ସଂହିତାରେ ଜଗନ୍ନାଥଙ୍କର ନାରାୟଣ ସ୍ୱରୂପ ସଂପର୍କରେ କୁହାଯାଇଛି – ‘ଯୋଽୟଂ ନାରାୟଣେଶ କେବଃ ସତ୍ତିହଂ ନିଳ କନ୍ଦରଃ, ମାୟା ବିଚାର୍ଯ୍ୟଚିତେ ନାହଂ କରୋମି ଚ କରୋତି ସଃ ।।’

‘ପୀର’ ଶବ୍ଦର ଅର୍ଥ ମଧ୍ୟରେ ଜଗନ୍ନାଥଙ୍କର ରୂପକୁ ଚିନ୍ତା କରାଯାଏ । ଧର୍ମ ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦେଇ ଶ୍ରୀକୃଷ୍ଣ ରୂପି ଜଗନ୍ନାଥ ଗୀତାରେ କହିଛନ୍ତି ‘ଯଦା ଯଦାହି ଧର୍ମସ୍ୟ... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭାବାମୀ ଯୁଗେ ଯୁଗେ । ନାରାୟେଣ ଏବଂ ଧର୍ମ ପ୍ରତିଷ୍ଠାତା ଭାବେ ଗୃହିତ ଜଗନ୍ନାଥ ସତ୍ୟନାରାୟଣ ଓ ସତ୍ୟପୀର ଭାବରେ ପ୍ରତିଭାତ ହୁଅନ୍ତି । ପାଲା ପୃଷ୍ଠ ଭୂମୀରେ ଇତିହାସ ଅନୁଧ୍ୟାନ କଲେ ସତ୍ୟପୀର, ନାରାୟଣ ବା ବିଷ୍ଣୁ ଏକ ଦେବତା ଭାବେ କାଳକ୍ରମେ ହିନ୍ଦୁ ମୁସଲମାନ ଉଭୟ ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ହେଲେ । ଜଗନ୍ନାଥ, ବିଷ୍ଣୁ ହୋଇଥିବାରୁ ସତ୍ୟନାରାୟଣ ପାଲାରେ କାମନା ପୁରାଣକାରୀ ଦେବତା ଭାବରେ ଗୃହୀତ ହେଲେ । କବି କର୍ଣ୍ଣ ‘ମଦାରାହୀ’ ଓ ଜନ୍ମ ପାଲାରେ ଜଗନ୍ନାଥଙ୍କ ଏବଂ ସତ୍ୟପୀର ଏକ ଦେବତା ବୋଲି ସତ୍ୟପୀରଙ୍କ ଦ୍ୱାରା ପ୍ରକାଶ କରିଛନ୍ତି । ଯଥା – ଆମି ସେହି ଦେବତା ଅଲେଖ ନିରାକାର ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ରସାତଳେ କରଇ ଆମାର ଜଗନ୍ନାଥ ରୂପେ ଆମି ଓଡ଼ିଶାତେ ଆଉ ହିନ୍ଦୁ ମୁସଲମାନ ସବୁ କରି ଏକାକାର ରାମ ରହିମାନ ଜାନ କୋରାଣ ପୁରାନେ ଦେଖିବ କେମନ ରୂପ ମାନେ କି ନମାନେ ଦାରିଆତେ ଦାରୁବ୍ରହ୍ମ ରୂପେତ ଭାସେନ ପଦ୍ମଫୁଲ ରୂପ ହଇଆ ସତ୍ୟନାରାୟଣ ବଉଧ ରୂପ ତେ ନୀଳାଚଳେ ବିଜେ କରି ପତିତ ପାବନ ରୂପେ ପତିତ ଉଦ୍ଧାରୀ ।

ନୃତ୍ୟ ନାରାୟଣ ପାଲାରେ ଗଣେ, ନାରାୟଣେ, ରୁଦ୍ରେ, ଅମ୍ବିକେ, ଭାସ୍କର, ପ୍ରଭୃତି ପଞ୍ଚଦେବତା ପୂଜା ସମ୍ପାଦିତ ହୋଇଥାଏ । ଏହି ଜଗନ୍ନାଥ ପଞ୍ଚଦେବତାଙ୍କର ସମ୍ମିଳିତ ବିଗ୍ରହ ଅଟନ୍ତି । ଜଗନ୍ନାଥଙ୍କୁ ଗଣେଶ ବୋଲି କହିବାର ଅଭିପ୍ରାୟ ଏହି ଯେ, ଜଗନ୍ନାଥ ସମସ୍ତ ଜ୍ଞାନର ଶ୍ରଷ୍ଟା ଅଟନ୍ତି । ଗଣେଶଙ୍କ ପରି ସେ ମଧ ଜ୍ଞାନଦାତା ଅଟନ୍ତି । ଏଣୁ ଭାଗବତ୍‌ରେ ଉଲ୍ଲେଖ ଅଛି – ‘ତୁ ଯାକୁ ହୁଅଇ ସଦୟ, ଜ୍ଞାନ ତା ଉଦରୁ ଉଦର ।’ ସ୍ନାନପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ଗଣେଶଙ୍କ ଭକ୍ତ ଗଣପତି ଭଟ୍ଟଙ୍କୁ ଶ୍ରୀଜଗନ୍ନାଥ ଗଜାନନ ବେଶରେ ଦର୍ଶନ ଦେଇ କୃତାର୍ଥ କରିଥିଲେ । ଦାଢ଼୍ୟତା ଭକ୍ତିରେ ଗଣପତି ଭଟ୍ଟଙ୍କର ଚିନ୍ତାଧାରା ବର୍ଣ୍ଣନା କରି ଭକ୍ତ ରାମଦାସ ଲେଖିଛନ୍ତି – ‘ଦେଖିଲେ ପ୍ରଭୁ ଭଗବାନ ହୋଇ ଅଛନ୍ତି ଗଜାନନ, ଲମ୍ବି ଅଛନ୍ତି ଥୋର ହସ୍ତ ଶୋଭା ଦିଶଇ ଏକଦନ୍ତ, ଅଦ୍ଭୂତ ବିଶ୍ୱରୂପ ଧରି ଭୃତ୍ୟକୁ ଡାକୁଛନ୍ତି ହରି, ଏହା ଶୁଣିଣ ମହାଯଦି ବୋଲେ ନମସ୍ତେ ଗଣପତି’ । ଗଣପତି ଭଟ୍ଟ ନିଜର ଭୁଲ ବୁଝିପାରି ଜଗନ୍ନାଥଙ୍କୁ ନମସ୍କାର କରି ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାରେ ଗଜାନନ ବେଶ ଧାରଣ କରିବା ନିମିତ୍ତ ପ୍ରାର୍ଥନା କରିଥିଲେ । ଭକ୍ତର ପ୍ରାର୍ଥନା ରକ୍ଷାକରି ପ୍ରତ୍ୟେକ ବର୍ଷ ସ୍ନାନବେଦିରେ ଶ୍ରୀଜଗନ୍ନାଥ ଶ୍ରୀଗଣେଶ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇ ନିଜର ଗଣେଶ ସ୍ୱରୂପ ପ୍ରମାଣ କରିଛନ୍ତି । ବିଷ୍ଣୁ ଶ୍ରୀଜଗନ୍ନାଥ ଓ ଶିବତତ୍ତ୍ୱ ଏକ ତଥା ଅଭିନ୍ନ ଅଟନ୍ତି । ଯେ ରୁଦ୍ର ସେ ସ୍ୱୟଂ ବିଷ୍ଣୁ । ଯେ ବିଷ୍ଣୁ ସେହି ପୁଣି ଶିବ ବା ରୁଦ୍ର । ପବନ ଆକାଶ ମଧ୍ୟରେ ଯେପରି ପ୍ରଭେଦ ନାହିଁ, ସେହିପରି ବିଷ୍ଣୁ ଓ ରୁଦ୍ରଙ୍କ ମଧ୍ୟରେ ପ୍ରଭେଦ ନାହିଁ । ବ୍ରହ୍ମ ପୁରାଣ ମତରେ – ‘ଯୋ ରୁଦ୍ରଃ ସଃ ସ୍ୱୟଂବିଷ୍ଣୁଃ ସ ମହେଶ୍ୱରଃ, ଉଭୟୋ ରନ୍ତରଂ ନାସ୍ତି ପବନା କାଶୟୋରିବ’ । ଜଗନ୍ନାଥ କେବଳ ଗଣେଶ, ନାରାୟଣ ଓ ରୁଦ୍ର ନୁହଁନ୍ତି, ଜଗନ୍ନାଥ ମଧ୍ୟ ଦୁର୍ଗା ଅଟନ୍ତି । ମହାନିର୍ବାଣ ତନ୍ତ୍ର ପ୍ରମାଣ କରେ – ‘ତାରା ସାକ୍ଷାତ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ, ନିଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣ କାଳିକା’ । ଏହା ବ୍ୟତୀତ ଜଗନ୍ନାଥଙ୍କୁ ଭାସ୍କର ଅର୍ଥାତ୍ ସୂର୍ଯ୍ୟ ରୂପେ ବିବେଚନା କରାଯାଇଛି । କାରଣ ଶ୍ରୀଜଗନ୍ନାଥଙ୍କର ଶ୍ରୀଅଙ୍ଗରେ ନବଗ୍ରହମାନଙ୍କର ଅବସ୍ଥାନ ପରିକଳ୍ପନା କରାଯାଇଛି ଏବଂ ଜଗନ୍ନାଥଙ୍କର ନେତ୍ରକୁ ସୂର୍ଯ୍ୟ ବା ଭାସ୍କର ରୂପେ ପରିକଳ୍ପିତ ହୋଇଛି । ଶାସ୍ତ୍ରରେ କୁହାଯାଇଛି – ଚନ୍ଦ୍ର, ସୂର୍ଯ୍ୟ ଯେ ବେନିନେତ୍ରେ, ମଙ୍ଗଳ ସ୍ଥିତି ନାଶା ଫୁଟେ । ଗୀତାରେ ନିଜର ସ୍ୱରୂପ ବ୍ୟକ୍ତକରି ଶ୍ରୀକୃଷ୍ଣ କହିଛନ୍ତି ‘ଆଦିତ୍ୟାନା ମହଂ ବିଷ୍ଣୁ ଜ୍ୟୋତିଷାଂ ରବି ରଂଶୁମାନ, ମରୀଚି ର୍ମରୁତା ମସ୍ମି ନକ୍ଷତ୍ରାଣାମହଂ ଶଶି’୧୦/୨୧ ଏହି ଶ୍ଳୋକରୁ ପ୍ରତ୍ୟୟମାନ ହୁଏ ଯେ ଉଜ୍ୱଳ ବସ୍ତୁମାନଙ୍କ ମଧ୍ୟରେ କିରଣମୟ ସୂର୍ଯ୍ୟ ଅଟନ୍ତି । ଏହା ବ୍ୟତୀତ ଦୀନକୃଷ୍ଣ ଦାସଙ୍କ କରଚିତ ରସକଲ୍ଲୋଳର କାବ୍ୟରେ ବର୍ଣ୍ଣିତ ଅଛି – କମ୍ବୁକଣ୍ଠେ କଉସ୍ତୁଭ ମଣି ନାୟକ, କଳୁଷ ଅନ୍ଧାରକୁ ଦିନ ନାୟକ । ଏହି ପରି ଭାବେ ଶ୍ରୀଜଗନ୍ନାଥଙ୍କୁ ପଞ୍ଚଦେବତାଙ୍କର ସମ୍ମିଳିତ ରୂପ ଭାବେ ଚିନ୍ତା କରାଯାଇଛି ଏବଂ ଶାସ୍ତ୍ରରେ କୁହାଯାଇଛି ‘ଜଗନ୍ନାଥଃ ସ୍ୱୟଂ ବିଷ୍ଣୁଃ ବଳଭଦ୍ରଃ ତ୍ରିଲୋଚନଃ, ଭଦ୍ରାଦେବୀ ପରା ସାକ୍ଷାତ ମାଧବୋ ଗଣଦୈବତଃ, ଚକ୍ରତେଜୋମୟଃ ସୂର୍ଯ୍ୟଃ ଯଜ୍ଞ ଦେବଂ ସ୍ମରାମ୍ୟହମ୍’ । ଭକ୍ତ କବି ଜଗନ୍ନାଥ ଦାସଙ୍କ ଲିଖିତ ସତ୍ୟନାରାୟଣ ଭାଗବତ ପାଲା, ଜଗନ୍ନାଥଙ୍କର ସତ୍ୟନାରାୟଣ ସ୍ୱରୂପ ସ୍ପଷ୍ଟ ଭାବେ ପ୍ରମାଣିତ କରିଥାଏ । ଏହି ପାଲାରେ ଉଲ୍ଲେଖ ଅଛି – ‘ନମଇଁ ଗୋବିନ୍ଦ ଚରଣ- ଅନାଦି ପ୍ରଭୁ ନାରାୟଣ, ଭକ୍ତ ନିମନ୍ତେ ଜନ୍ମପାଉ-ଧରନ୍ତି ନାନା ରୂପେ ଦେହି ଦୁଷ୍ଟ ନିବାରୀ ସନ୍ଥପାଳି-ଭକତ ବନ୍ଧୁ ବନମାଳୀ, ନିଜ ଭୁବନେ ଅବଧାନ-ହୋଇଲା କଳି ଆଗମନ, ବଉଧ ରୂପେ ନରହରି-ବିଜୟ କଲେ ନୀଳଗିରି, ସେ କାଳେ ସତ୍ୟନାରାୟଣ-ହୋଇଲେ ପ୍ରଭୁ ଭଗବାନ।’

**ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩**

# ‘ଅମାବାସ୍ୟାର ଚନ୍ଦ୍ର’ର ସ୍ରଷ୍ଟା

॥ ବାଦଲ ଭୂୟାଁ ॥

ଯିଏ ପାପ ପୁଣ୍ୟକୁ ସମାଜର ତତ୍କାଳୀନ ମୂଲ୍ୟବୋଧରେ ବିଚାର ନକରି ମନୁଷ୍ୟତାର ନିକିତିରେ ତଉଲି ଯାଇଛି, ସେହିପରି ମହାନ ବ୍ୟକ୍ତିଙ୍କ ହାତରେ ମୋର ଏ କାଉନ୍‌କୁ ସମର୍ପି ଦେଉଛି’ – ବାରିଷ୍ଟର ଗୋବିନ୍ଦ ଦାସ। ସର୍ବଭାରତୀୟ ଆଇନ ବୃତ୍ତି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିବା ସହ ଜଣେ ପ୍ରଥିତଯଶା ସାହିତ୍ୟ ସ୍ରଷ୍ଟା ଭାବେ ସୁପରିଚିତ ବାରିଷ୍ଟର ଗୋବିନ୍ଦ ଦାସ ତାଙ୍କ ବହୁ ଚର୍ଚ୍ଚିତ ଓ ପ୍ରଚୁର ପାଠକୀୟ ଆଦୃତି ପାଇଥିବା ଅମାବାସ୍ୟାର ଚନ୍ଦ୍ର ପୁସ୍ତକର ଆଦ୍ୟ କଥନରେ ନିଜେ ଏହାକୁ ଲେଖିଛନ୍ତି। ସୁପ୍ରିମକୋର୍ଟ ବାରରେ ସେ ଥିଲେ ପ୍ରଥମ ଓଡ଼ିଆ ଯିଏ କି ଓକିଲାତି ଜୀବନ ଆରମ୍ଭ କରିଥିଲେ।

ଜୀବନ କାଳରେ ସେ ଆଇନ ଜଗତରେ ଯେତିକି ପ୍ରସିଦ୍ଧ, ସାହିତ୍ୟ ଦୁନିଆରେ ସେତିକି ପରିଚିତ ଥିଲେ। ଅମାବାସ୍ୟାର ଚନ୍ଦ୍ର ତାଙ୍କର ସାହିତ୍ୟିକ ପ୍ରତିଭାର ସାର୍ଥକ ଅଭିବ୍ୟକ୍ତି। ୧୯୬୪ରେ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ୨୦୦୮ରେ ତାଙ୍କର ପରଲୋକ ବେଳକୁ ଏହାର ପଚିଶତମ ସଂସ୍କରଣ ବଜାରରେ ମିଳୁଥିଲା। ଆଲୋଚକ ଡ. ବାଉରୀବନ୍ଧୁ କରଙ୍କ ଭାଷାରେ ‘ଉପନ୍ୟାସଟିର ଭଗବତୀ ଚରଣ ବର୍ମାଙ୍କ ଚିତ୍ରଲେଖା ସହ ଅଦ୍ଭୁତ ଭାବେ ମେଳ ଥିଲେ ସୁଦ୍ଧା ସେ ଏ ଉପନ୍ୟାସ ସକାଶେ ଅଗଣିତ ଓଡ଼ିଆ ପାଠକର ଶ୍ରଦ୍ଧାଭାଜନ ହୋଇଛନ୍ତି। ଏଥିରେ ସବୁଠାରୁ ଆକର୍ଷଣୀୟ ଚରିତ୍ର ହେଉଛି କାଉଲ।

କାଉଲର ଜୀବନବୃତ୍ତାନ୍ତ ମାଧ୍ୟମରେ ସାମ୍ପ୍ରତିକ ରାଜନୀତିକ ନେତାମାନଙ୍କ ଚରିତ୍ର ରୂପ ନେଇଛି। କାଉଏ ଜୁଆଡ଼ି, ଲମ୍ପଟ, ମଦ୍ୟପ, କିନ୍ତୁ ନେତା ହେବା ପରେ ସେ ପଣ୍ଡିତଜୀ ପ୍ରମୁଖଙ୍କ ମୁଖରେ ପ୍ରଶଂସିତ। ସାମ୍ପ୍ରତିକ ସମାଜରେ ଯେତେ ଅନୀତି, ଦୁର୍ନୀତି କଲେ ସୁଦ୍ଧା ନେତାଟିଏ ହୋଇପାରିଲେ ସବୁ ସମ୍ମାନ ଆପେ ଆପେ ଆସି ଅଜାଡ଼ି ହୋଇପଡ଼େ, ଏହାହିଁ ଏଥିରେ ସୂଚିତ। ଲାସ୍ୟ, ଭଗ୍ନାଂଶ, ସୂର୍ଯ୍ୟାସ୍ତ, ଦେଶେ ଦେଶେ। ଜାତକ, ମିଶ୍ର ରାଗ ଆଦି ତାଙ୍କର ଅନ୍ୟ ଶ୍ରେଷ୍ଠ କୃତି। ସାନ ଗୋଟିଏ ଜୀବନ ତାଙ୍କ ଆତ୍ମଚରିତ। ବାରିଷ୍ଟର ଦାସଙ୍କ ରଚନା ଶୈଳୀର ବିଶେଷତ୍ୱ, ବାକ୍ୟବିନ୍ୟାସ କୌଶଳ ଆଦି ତାଙ୍କ ଉପନ୍ୟାସଗୁଡ଼ିକୁ ସୁଖପାଠ୍ୟ କରିଛି। ଯୌବନରେ ସେ ସମାଜବାଦୀ ଆଦର୍ଶ ଓ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲେ। ସୋସିଆଲିଷ୍ଟ ଦଳରେ ଯୋଗ ଦେଇଥିଲେ। ଛାତ୍ର ଆନ୍ଦୋଳନରେ ବି ସାମିଲ ହୋଇଥିଲେ। ଜେଲ ଯାଇଥିଲେ। ସମାଜବାଦୀ ବ୍ୟକ୍ତିତ୍ୱ ଥିବାରୁ କିଛି କାଳ କୃଷକ ପତ୍ରିକା ସଂପାଦନ କରିଥିଲେ।

ବାପା ଚାହୁଁଥିଲେ, ସେ ଭାରତୀୟ ପ୍ରଶାସନ ସେବା ଅଧିକାରୀ ହୁଅନ୍ତୁ। ସୋସାଲିଷ୍ଟ ପାର୍ଟିର କର୍ମକର୍ତ୍ତା ଚାକିରି କଲେ, ଲୋକେ ହସିବେ। ତେଣୁ ବାପାଙ୍କ ପାଖରେ ସର୍ତ୍ତ ରଖିଲେ – ଆଇଏଏସ୍ ପରୀକ୍ଷା ଦେଇ ସଫଳ ହେବେ। କିନ୍ତୁ ଚାକିରି କରିବେନାହିଁ। ସେ ଆଇଏଏସ୍ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାକ୍ଷାତକାର ଦେବାକୁ ଯାଇନଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ସାରି ଲଣ୍ଡନ ଯାଇଥିଲେ। ପ୍ରସିଦ୍ଧ ଲିଙ୍କନସ୍ ଇନ୍‌ରୁ ବାରଆଟ ଲ ଡିଗ୍ରୀ ଲାଭ କରି, ୧୯୫୩ ମସିହାରେ ଓଡ଼ିଶା ହାଇକୋର୍ଟ ବାରରେ ଆଇନଜୀବୀ ଜୀବନ ଆରମ୍ଭ କରିଥିଲେ। ୧୯୮୦ ଓ ୧୯୯୮ରେ ରାଜ୍ୟର ଆଡ୍‌ଭୋକେଟ ଜେନରଲ ହୋଇଥିଲେ। ବ୍ୟକ୍ତିଗତ ଜୀବନରେ ଥିଲେ ଶୃଙ୍ଖଳିତ ଓ ଶାନ୍ତ ସ୍ୱଭାବର। ୧୯୩୦ ଜୁନ ୩୦ ତାରିଖ ଦିନରେ ଯାଜପୁର ଅନ୍ତର୍ଗତ କଲ୍ୟାଣପୁରର ଡିସାଣିଆ ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା।

ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’, ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

## ବୃଦ୍ଧାଙ୍କୁ ମିଳୁନି ଆବାସ ଘର ଓ ରାସନ



ପାଟଣାଗଡ, (ମହାଭାରତ) : ସରକାର ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କରିଛନ୍ତି । ହେଲେ ପ୍ରକୃତ ହିତାଧିକାରୀଙ୍କ ପାଖରେ ଏହି ଯୋଜନା ଗୁଡିକ ପହଞ୍ଚିପାରୁ ନାହିଁ । ଯାହା ଫଳରେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି । ବଲାଙ୍ଗୀର ଜିଲ୍ଲା ପାଟଣଗଡ ଏନ୍ ଏ ସି ଏରିଆରେ ଥିବା ରାଣୀସାଗରର ଗାଁର ବୃଦ୍ଧା ଉଷା ଦାଶ । ଉଷା ଙ୍କ ବୟସ ୭୦ ବର୍ଷ ରୁ ଉର୍ଦ୍ଧ୍ୱ ହେବ । ଉଷାଙ୍କ ଝିଅ ପୁଅ ଥିଲେ ମଧ୍ୟ କେହି ତାକୁ ପଚାରୁ ନାହାନ୍ତି । ସେ ଗାଁ ମୁଣ୍ଡର ଶେଷ ସିମାରେ ଏକ ଛୋଟିଆ କୁଡିଆ ଘର ଟିଏ ତିଆରି କରି ଖରା ବର୍ଷା ଶିତ ଦିନରେ ଦିନ କାଟୁଛନ୍ତି । ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହେବା ପରେ ସେହି ଦିନ ଠାରୁ ବହୁ ଦୁଃଖ କଷ୍ଟରେ ଜୀବନ ବିତାଉଛନ୍ତି ଉଷା ଦାଶ। ସ୍ୱାମୀଙ୍କ ମୃତ୍ୟୁ ହେଲାପରେ ତାଙ୍କର କଥାକୁ ଆଉ କେହି ଶୁଣୁ ନାହାନ୍ତି । ଓଳିଏ ଖାଇଲେ ଆର ଓଳିରେ ଭୋକ ଉପାସରେ ଜିବନ ବିତାଇବାକୁ ପଡୁଛି । ଗାଁରେ ଉଷା ଭିକ୍ଷା ବୃତ୍ତି କରି ଆଣିଲେ ସେ ମୁଠାଏ ଖାଇଥାନ୍ତି । ନ ହେଲେ ସେ ଭୋକ ଉପାସରେ ରହି ଯାଆନ୍ତି । ନିଜସ୍ୱ ଉଦ୍ୟମରେ ଏକ ଝାଟିମାଟି କୁଡ଼ିଆ କରି ଜରିପାଲତଳେ ଗାଁରେ ରହି ଆସୁଛନ୍ତି । ଏ ବିଷୟରେ ପ୍ରଶାସନ ଠାରେ ବାରମ୍ବାର ଅଭିଯୋଗ କଲା ପରେ ଭର୍ତ୍ତା ଟଙ୍କାକୁ ଖାଲି ଛାଡିଦେଲେ ଆବାସ ଘର, ରାଶନ କାର୍ଡ ମଧ ନ ଥିବାରୁ ଚାଉଳ ଖଣ୍ଡିଏ ମଧ ପାଇ ପାରୁ ନାହାନ୍ତି ।

## କମାଲ ଶିବିର ଶିକ୍ଷା ଅଭିଯାନ ଉତ୍ସବ ଉଦଯାପିତ




ଦେଓଗା, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ଲୋକ ଉନ୍ନତି ସଂଗଠନ ଓ ପ୍ରଥମ ଏଜୁକେସନ ଫାଉଣ୍ଡେସନର ମିଳିତ ଉଦ୍ୟମରେ ଦେଓଗାଁ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ଉତ୍ସାହପୂର୍ଣ୍ଣ ଶିକ୍ଷା ଉତ୍ସବ କମାଲ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗ୍ରୀଷ୍ମ ଅବକାଶ ମଧ୍ୟରେ ଚାଲିଥିବା ପାଠପଢା ଅଭିଯାନ ସମାପନ ଓ ଉତ୍ସବ ସୋମବାର ଉଦଯାପନ ହୋଇ ଯାଇଛି । ଏହି ଶିବିରରେ ସ୍ୱେଚ୍ଛାସେବୀ ମାନେ ଛାତ୍ରଛାତ୍ରୀ ମାନଙ୍କୁ ଖେଳ, ଗପ, ଚିତ୍ରାଙ୍କନ କାହାଣୀ ମାଧ୍ୟମରେ ପାଠ ପଢ଼ାଇ ତାଙ୍କର ଗ୍ରୀଷ୍ମ ଅବକାଶ ଦିନ ଗୁଡିକୁ ଉପଯୁକ୍ତ ଓ ଶିକ୍ଷାନୁ ଭବ ପୂର୍ଣ୍ଣ କରିଥିଲେ । ଏହି କାର୍ଯ୍ୟକ୍ରମ ( ୬) ଛଅ ସପ୍ତାହ ଧରି ଚାଲିଥିଲା ଓ ଏହା ଦ୍ୱାରା ଗ୍ରାମ ଅଞ୍ଚଳରେ ଶିକ୍ଷା ପ୍ରତି ଜାଗୃତି ସୃଷ୍ଟି ହେବା ସହ, ଶିଶୁ ମାନଙ୍କର ମନୋବୃତ୍ତି ଓ ବ୍ୟକ୍ତିତ୍ୱ ବିକାଶ ରେ ମଧ ଗୁରୁତ୍ୱ ଭୂମିକା ନିଭାଇ ଥିଲେ । ଅତିଥି ମାନଙ୍କ ଦ୍ୱାରା ସ୍ୱେଚ୍ଛାସେବୀ ମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇ ଥିଲା । ଉକ୍ତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ର ସରପଞ୍ଚ ମହୋଦୟ ଶ୍ରୀମତୀ ପଦ୍ମିନୀ ମିଶ୍ର, ଡୁମେରପିଟା ଗ୍ରାମ ପଂଚାୟତ ର ଲୋକ ଉନ୍ନତି ସଂଗଠନ ର ଲିଡର ସୁବିନ ଚନ୍ଦ୍ର କୁମ୍ଭାର,ସହ ଲୋକ ଉନ୍ନତି ସଂଗଠନ ର କାର୍ଯ୍ୟକର୍ତ୍ତା ରୂପାଧର ପୁଟା, ପିତାମ୍ବର ପଧାନ, ସୁଶୀଲ ନନ୍ଦ ଓ ବିଦ୍ୟାଧର ଜାଲ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ଭାବେ ରଶ୍ମି ରଞ୍ଜନ ଚୌଧୁରୀଙ୍କୁ ମିଳିଲା ଦାୟିତ୍ୱ



କେନ୍ଦ୍ରାପଡ଼ା, (ମହାଭାରତ) : କେନ୍ଦ୍ରାପଡ଼ା ଜିଲ୍ଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ଭାବେ ରଶ୍ମି ରଞ୍ଜନ ଚୌଧୁରୀଙ୍କୁ ମିଳିଲା ଦାଇତ୍ୱ। ଏ ନେଇ ଚାରୀ ଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି। ରାଜ୍ୟରେ କଂଗ୍ରେସ ଆଗକୁ ବଢୁଥିବା ବେଳେ ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ନୂତନ ସଭାପତି ଭାବେ କେନ୍ଦ୍ରାପଡ଼ା ଜିଲ୍ଲାରେ ଯୁବ ନେତାଙ୍କୁ ଦାୟିତ୍ୱ ମିଳିଛି । ଏ ନେଇ ରଶ୍ମି ରଞ୍ଜନ ଚୌଧୁରୀ ରାଜ୍ୟ ମଜଦୁର କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବିଦ୍ୟାଳୟରେ ତାଲା ମାରିଲେ ସ୍କୁଲ୍ ଛାତ୍ରଛାତ୍ରୀ

ନର୍ଲା, (ମହାଭାରତ): ନର୍ଲା ବ୍ଲକରେ କାର୍ଯ୍ୟରତ ଶିକ୍ଷକ ମାନଙ୍କୁ ଅନ୍ୟତ୍ର ବଦଳି ସଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲା ଓ ବ୍ଲକ୍ ଶିକ୍ଷା ବିଭାଗ ଦ୍ୱାରା ବଦଳି କରାଯାଇଥିବା ଘଟଣାକୁ ନେଇ ଅଭିଭାବକ ତଥା ଛାତ୍ର ଛାତ୍ରୀ ମାନେ ଗତ ଶୁକ୍ରବାର ଓ ଶନିବାର ଦିନ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନା ଯୋଗ୍ୟ ଗତ ନୋଟିଫିକେସନ୍ ନମ୍ବର ୧୩୪୫୩/ତା ୧୪/୦୫/୨୫ ଅନୁଯାୟୀ ସ୍ଥାନୀୟ ବିଜେଡି ବିଧାୟିକା, କଳାହାଣ୍ଡି ଲୋକସଭା ସାଂସଦ, କଳାହାଣ୍ଡି ରାଜ୍ୟସଭା ସାଂସଦ ଙ୍କ ଅନୁମୋଦନ କ୍ରମେ ରଜ୍ୟ ଶିକ୍ଷା ବିଭାଗ କମିଟି ଲେଟର ନମ୍ବର୍ ୧୬୬୭୩/ତା




୦୧/୦୭/୨୫ ଅନୁଯାୟୀ ନର୍ଲା ବ୍ଲକ ରେ ବିଭିନ୍ନ ସ୍କୁଲ୍ ରେ କାର୍ଯ୍ୟରତ ଆଠ ଜଣ ଶିକ୍ଷକଙ୍କୁ ଜିଲ୍ଲା ଶିକ୍ଷା ବିଭାଗଙ୍କ ଅନୁମୋଦନ କ୍ରମେ ଅନ୍ୟତ୍ର ବଦଳି ତାଲିକା ପ୍ରକାଶ ପାଇଥିଲା ଏହି ତାଲିକା ରେ ନର୍ଲା ବ୍ଲକ ରୁପ୍ରା ରୋଡ ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ତ୍ରିପାଠୀ ଙ୍କୁ କୋକସରା ବ୍ଲକ କୁ ବଦଳି ହୋଇଥିବା ଯୋଗୁଁ ଉକ୍ତ ସ୍କୁଲ୍ ରେ ଅଧ୍ୟୟନ କରିଥିବା ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ତଥା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ବିଚଳିତ କରିଥିଲା। ଶିକ୍ଷକ ଙ୍କୁ ଆକ୍ରୋଶ ମୂଳକ ଭାବେ ନର୍ଲା ବିଧାୟିକ। କଳାହାଣ୍ଡି ଲୋକସଭା ସାଂସଦ ଓ ରାଜ୍ୟସଭା ସାଂସଦ ଙ୍କ ମିଳିତ ଉଦ୍ୟମରେ ଅନ୍ୟତ୍ର ବଦଳି କରିଥିବା ସାଧାରଣ ରେ ଚର୍ଚ୍ଚା ହେଉଛି । ଏହା କୁ ବିରୋଧ କରି ରୁପ୍ରାରୋଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଅଭିଭାବକ ମାନେ ଏକତ୍ରିତ ହୋଇ ଗତ ଗୁରୁବାର ଓ ଶୁକ୍ରବାର ଦିନ ସ୍କୁଲ୍ ଗେଟ୍ ରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଓ ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି ଏକ ଦାବୀ ପତ୍ର ପ୍ରଦାନ କରିଥିଲେ । କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଯୋଗୁଁ ଆଜି ସୋମବାର ଦିନ ସକାଳ ଦଶ ଘଣ୍ଟା ସମୟରେ ସ୍କୁଲ୍ କମିଟି ଅଭିଭାବକ ଓ ଛାତ୍ର ଛାତ୍ରୀ ମାନେ ଏକତ୍ରିତ ହୋଇ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ତ୍ରିପାଠୀ ଙ୍କୁ ପୁନର୍ବାର ସ୍କୁଲ୍ କୁ ଫେରସ୍ତ କରିବା ପାଇଁ ସ୍କୁଲ୍ ଗେଟ୍ କୁ ତାଲା ଦେଇ ଧାରଣା ରେ ବସିଛନ୍ତି। ଏ ନେଇ ବ୍ଲକ୍ ଶିକ୍ଷା ବିଭାଗ ଅଧିକାରୀ ଙ୍କୁ ପଚାରିବା ପରେ ସ୍କୁଲ ର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ତ୍ରିପାଠୀ ଙ୍କୁ ବଦଳି କରଯାଇଥିବା ଆମ ହାତରେ ନାହିଁ ବୋଲି ସୁଚନା ଦେଇଥିଲେ ।

## ଧରାପଡିଲା ଆତଙ୍କ ସୃଷ୍ଟି କରିଥିବା ସୁନା ଚେନ ଲୁଟେରା ଗ୍ୟାଙ୍ଗ

କେନ୍ଦୁଝର, (ମହାଭାରତ) : କେନ୍ଦୁଝର ପୋଲିସକୁ ମିଳିଛି ବଡ ସଫଳତା। କିଛିଦିନ ହେବ ଜିଲ୍ଲାରେ ଆତଙ୍କ ସୃଷ୍ଟି କରିଥିବା ଆଉ କେନ୍ଦୁଝର ପୋଲିସର ନାକେଦମ୍ କରି ରଖୁଥିବା ଏକ ଆନ୍ତଃରାଜ୍ୟ ଚେନ ଲୁଟେରା ଗ୍ୟାଙ୍ଗଙ୍କୁ ଗିରଫ କରିବାରେ ସଫଳ ହୋଇଛି କେନ୍ଦୁଝର ପୋଲିସ। ହଜାରଠୁ ଅଧିକ ସୁନା ଚେନ ଲୁଟରେ ସମ୍ପୃକ୍ତ ଥିବା ଏହି ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ସହ ଯାଞ୍ଚ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ଠାରୁ ସମସ୍ତ ୮ ଟି ସୁନା ଚେନ, ୨୧ ଟି ମୋବାଇଲ, ୧୪ ଟି ବାଇକ, ୧୧ ହାଜର ଟଙ୍କା ମଧ ଜବତ କରିଛି ପୋଲିସ। ମୁଖ୍ୟ ପାଞ୍ଚ ଜଣ ହେଲେ ଚିନ୍ମୟ ପ୍ରଧାନ, ବିଜୟ ପ୍ରଧାନ, ଏ ଆସୁ, ଏମ ଅନିଲ ଓ ସୁନିଲ ଦାସ। ଏମାନଙ୍କ ସହ ଅନ୍ୟ ୧୫ ଜଣଙ୍କୁ ମଧ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଜି ଜିଲ୍ଲା ମୁଖ୍ୟାଳୟରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର ଦଗନ୍ତୁ।ବପ୍ରକାଶ ଯେ ଗତ ୧୬ ତାରିଖ ସନ୍ଧ୍ୟା ୬ ଟାରୁ ୮ ଭିତରେ ସହରର ବିଭିନ୍ନ ସ୍ଥାନରେ ଚେନ ଚୋରି ଅଭିଯୋଗ ହୋଇଥିଲା। ସହରରେ ଏହା ଏତେ ବଡ ଧରଣର ଡକାୟତି ହୋଇଥିବା ବେଳେ ପୋଲିସର କାର୍ଯ୍ୟ ନେଇ ସାଧାରଣରେ ଆଲୋଚନାର ବିଷୟ ହୋଇଥିଲା। ଏନେଇ ଜିଲ୍ଲା ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ସିସିଟିଭି ଫୁଟେଜ, ସାଧାରଣ ଗୁଇନ୍ଦା ରିପୋର୍ଟ ଅନୁସାରେ ଜିଲ୍ଲା ପୋଲିସ ଏହି ଘଟଣାର ମୁଖ୍ୟ ସ୍ଥାନରେ ପହଞ୍ଚିଥିଲେ। ଏହାର ମୁଖ୍ୟସ୍ଥାନ ଭାବେ ପୋଲିସ ଯାଜପୁର ଜିଲ୍ଲାର ଦଶମାଣିଆ, ମୁଣ୍ଡମାଲ ଓ ପୂର୍ବକୋଟର ବୋଲି ଜାଣିବାକୁ ପାଇଥିଲା। ଯାଜପୁର ଜିଲ୍ଲା ପୋଲିସ ସହାୟତାରେ କେନ୍ଦୁଝରର ସ୍ୱତନ୍ତ୍ର ଟିମ ଏହି ରାକେଟର ଗ୍ୟାଙ୍ଗ ସଦସ୍ୟ ଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ପୋଲିସ ଛାନଭିନରୁ ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗ ଓଡିଶା ସହ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ସେମାନଙ୍କ ରାକେଟ ଚଳାଇଥିବା ଜଣାପଡିଥିଲା । ଏମାନେ ଏକ ହଜାରୀ ଉର୍ଦ୍ଧ୍ୱ ଚେନ୍ ଚୋରୀରେ ସାମିଲ ଥିବା ପୋଲିସ ଜାଣିବାକୁ ପାଇଥିଲା।ଟାଉନ୍ ଥାନ ପକ୍ଷରୁ ଏମାନଙ୍କ ନାମରେ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ୮ ଟି କେସ ରୁଜୁ ହୋଇଥିଲା। ଯଥାକ୍ରମେ କେସ ନମ୍ବର୍ ୪୯୧/୨୫, ୪୯୨/୨୫, ୫୧୫/୨୫, ୫୧୬/୨୫, ୫୧୭/୨୫,୫୧୮/୨୫, ୫୧୯/ ୨୫,୫୨୦/୨୫ ସେକ୍ସନ ୩୦୯(୪)। ଆଜି ଏହି ଗିରଫ ହୋଇଥିବା ସମସ୍ତ ଚେନ ଲୁଟେରାଙ୍କୁ ସହର ମଧ୍ୟରେ ସିନ ରିକ୍ରିଏସନ୍ କରିଥିଲା ଟାଉନ ପୋଲିସ। ଏନେଇ ଅଧିକ ତଦନ୍ତ ଜାରି ଥିବା ପୋଲିସ ପ୍ରକାଶ କରିଛି।

## ସାର କଳାବଜାର ରୋକିବାକୁ ଜିଲ୍ଲା କୃଷି ଅଧିକାରୀଙ୍କ ତଦନ୍ତ

ପାଟଣା, (ମହାଭାରତ) : ଚାଷୀଟି ଖରିଫ ଋତୁ ସମୟରେ ବିଲରେ ସାର ପକାଇବା ପାଇଁ ନେବାକୁ ଆସୁଥିବା ବେଳେ ସାର ଚାହିଦା ରହିବା ସହ ଚଢ଼ା ଦରରେ କଳାବଜାରରେ ସାର ବିକ୍ରୟ ହେଉଛି। ଏହା କୁ ରୋକିବା ପାଇଁ ସୋମବାର



ଜିଲ୍ଲା କୃଷି ବିଭାଗ ପକ୍ଷରୁ ସାହାରପଡା ଅଞ୍ଚଳ ରେ ତଦନ୍ତ କରାଯାଇଛି। ଏହି ତଦନ୍ତରେ କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜୟୀ ମିଶ୍ରଙ୍କ ନେତୃତ୍ୱରେ ସାହାରପଡା ଅଞ୍ଚଳରେ ଥିବା ବେସରକାରୀ ସାର ବିକ୍ରୟ କେନ୍ଦ୍ର ଗୁଡିକ ମଧ୍ୟରୁ ସାହାରପଡାର ତ୍ରିଲୋଚନ ମହାନ୍ତ, ଗୋରାଣ୍ଡିଯୋଡ଼ିର ରମାକାନ୍ତ ନାଏକଙ୍କ ସମେତ ଖଜୁରିଡ଼ିହାର ଦେବପ୍ରସାଦ ମହାନ୍ତଙ୍କ ସାର ବିକ୍ରୟ କେନ୍ଦ୍ରରେ ପହଞ୍ଚି ଅଧିକାରୀ ତଦନ୍ତ କରିଥିଲେ ଏବଂ ଏହି ସାର ବିକ୍ରୟ କେନ୍ଦ୍ର ମାନଙ୍କ ଠାରୁ ସାର ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଥିବା ବେଳେ ସାରର ମାନ ମଧ ପରୀକ୍ଷା କରାଯିବ ବୋଲି ଜଣାପଡିଛି। ଆଜିକାର ଏହି ତଦନ୍ତ ରେ ସାହାରପଡା ବ୍ଲକ କୃଷି ଅଧିକାରୀ ତନୟା ସାହୁ ଓ ସହକାରୀ କୃଷି ଅଧିକାରୀ ପ୍ରଜ୍ଞା ପରିମିତା ଜେନା ପ୍ରମୁଖ ସାମିଲ ରହିଥିଲେ।

## ରାଜନୀତି ପଶାପାଲିରେ ବନ୍ଧା ପଡ଼ିଛି ଜିଲ୍ଲାର ବିକାଶ



ନୟାଗଡ଼, (ମହାଭାରତ) : ସାଧାରଣ ନିର୍ବାଚନକୁ ବର୍ଷେ ବିତିଗଲାଣି। ଏହି ବର୍ଷକ ମଧ୍ୟରେ ନିର୍ବାଚନ ମଣ୍ଡଳୀର ବିକାଶ ହେଉ କି ନ ହେଉ, କିନ୍ତୁ ଜନପ୍ରତିନିଧିଙ୍କ ମଧ୍ୟରେ ଜୋରଦାର ଛକାପଞ୍ଝା ଚାଲୁ ରହିଛି। ବିଶେଷ କରି ଜିଲ୍ଲାରୁ ବ୍ଲକ୍ ସ୍ତର ପର୍ଯ୍ୟନ୍ତ ଅଫିସର ମାନଙ୍କ ମନମାନି ଦିନକୁ ଦିନ ବଢୁଥିବା ବିରୋଧୀ ଦଳ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଛି। ନୂଆଗାଁ ବ୍ଲକ୍ ପଞ୍ଚାୟତ ସମିତି ବୈଠକରେ ଦଶପଲ୍ଲା ବିଧାୟକ ରମେଶ ବେହେରାଙ୍କ ଫାଇଲ ଫିଙ୍ଗିବା ଘଟଣା ଓ ଜିଲ୍ଲାରେ ବିକାଶ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିବା ଅଭିଯୋଗ କରି ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଙ୍କ ରଣହୁଙ୍କାର, ଏହାର ଜ୍ୱଳନ୍ତ ଉଦାହରଣ। ରାଜନୀତି ପଶାପାଲିରେ ଜିଲ୍ଲାର ବିକାଶ ଏକ ପ୍ରକାରର ବନ୍ଧା ପଡ଼ିଛି ବୋଲି ଆଲୋଚନା ଚାଲିଛି। ବର୍ତ୍ତମାନ ଜିଲ୍ଲା କି ବ୍ଲକ୍ ସ୍ତରରେ ଯେଉଁଠି ବି ବୈଠକ ହେଉଛି, ସବୁଠି ଗୋଟିଏ ଅଭିଯୋଗ ଦେଖିବାକୁ ମିଳୁଛି। ଅଧିକାରୀ ମାନେ ଜାଣିଶୁଣି ଜନପ୍ରତିନିଧି ମାନଙ୍କୁ ଅଣଦେଖା କରୁଛନ୍ତି। ଏମିତି କି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ର ଉଦ୍‌ଘାଟନ ଫଳକ ହେଉ ଅବା ନିର୍ବାଚନ ମଣ୍ଡଳୀସ୍ତରରେ କୌଣସି କାର୍ଯ୍ୟକ୍ରମରେ ବିଧାୟକ ହୁଅନ୍ତୁ ଅବା ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ଡକାଯାଉନାହିଁ। ଏହି ଅଭିଯୋଗକୁ କେନ୍ଦ୍ର କରି ଜିଲ୍ଲା ପରିଷଦ ବୈଠକରେ ପ୍ରବଳ ହୋହଲ୍ଲା ହୋଇଥିଲା। ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଇନଥିବାରୁ ଅସନ୍ତୋଷ ଜାହିର କରି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ବୈଠକ ଅଧାରୁ ଉଠି ପଳାଇଥିଲେ। କେବଳ ସେତିକି ନୁହେଁ, ବିଧାୟକ ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁ ଅଭିଯୋଗ କରିଛନ୍ତି ଯେ, ସାଧାରଣ ନିର୍ବାଚନ ପରେ ବିକାଶ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସେ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଚିଠି ଲେଖୁଥିଲେ ମଧ ଏ ଦିଗରେ ସେମାନେ କର୍ଣ୍ଣପାତ କରୁନାହାନ୍ତି। ଆଗାମୀ ଦିନରେ ଏହାର ତୀବ୍ର ବିରୋଧ କରାଯିବ ଓ ଏକ ବଡ଼ ଧରଣର ଜନ ଆନ୍ଦୋଳନ କରାଯିବ ବୋଲି ସେ ଖୋଲାଖୋଲି ଭାବେ କହିଛନ୍ତି। ପୁନଶ୍ଚ ବାଚସ୍ପତି ସୁରମା ପାଢ଼ୀ ଓ ରଣପୁର ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରାଙ୍କ ମଧ୍ୟରେ ଲାଗିଥିବା ବିବାଦକୁ ନେଇ ଅଧିକ ଚର୍ଚ୍ଚା ହେଉଛି। ଉଭୟ ଗୋଟିଏ ଦଳର ହୋଇଥିବା ବେଳେ ନିର୍ମଳାଙ୍କ ସ୍ୱାମୀ ତାପସ ମାର୍ଥା ବିଜେପି ଜିଲ୍ଲା ସଭାପତି ଅଛନ୍ତି। ତଥାପି ପ୍ରତ୍ୟେକ ବୈଠକରେ ଏହି ଦୁଇ ଜନ ପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି ଦଳ ମଧ୍ୟରେ ଥିବା ବିବାଦକୁ ପଦାରେ ପକାଉଛି।

## ଦ୍ରୁତତ୍ତମ ୫୦ ମିଲିୟନ ମେଟ୍ରିକ ଟନ ପଣ୍ୟ ପରିଚାଳନା କରି ପାରାଦୀପ ବନ୍ଦରର ଐତିହାସିକ ମାଇଲଖୁଣ୍ଟ ସ୍ଥାପନ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ଚଳିତ ଆର୍ଥିକ ବର୍ଷରେ ଅଭୁତପୂର୍ବ ଦ୍ରୁତତ୍ତମ ୫୦ ମିଲିୟନ ମେଟ୍ରିକ ଟନ (ଏମଏମଟି) ପଣ୍ୟ ପରିଚାଳନା କରି ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି । ବନ୍ଦର ଇତିହାସରେ ଏହି କୀର୍ତ୍ତିମାନ ସ୍ଥାପନ ବନ୍ଦରର କାର୍ଯ୍ୟ ଦକ୍ଷତା, ରଣନୀତି ଓ ଉତ୍ତମ ପରିଚାଳନା ଶକ୍ତିକୁ ଦର୍ଶାଉଛି । ତେବେ ପୂର୍ବ ବର୍ଷ ରେକର୍ଡର ୪ ଦିନ ପୂର୍ବରୁ ଏହି ବିରଳ କୀର୍ତ୍ତିମାନ ସ୍ଥାପନ ହୋଇପାରିଛି । ବନ୍ଦରର ଏହି ପଣ୍ୟ ଅଭିବୃଦ୍ଧି ମଧ୍ୟରେ କୋଇଲା ୨୨.କ୍ଷ୬ ଏମଏମଟି ପଣ୍ୟ ପରିଚାଳନା କରି ୦.୫୩ ପ୍ରତିଶତ ଅଭିବୃଦ୍ଧି ହୋଇଥିବା ବେଳେ




କଣ୍ଟେନର ପଣ୍ୟ ୨୭.୮କ୍ଷ ପ୍ରତିଶତ, ଅଶୋଧିତ ତୈଳ ୧୧.୩୬ ଏମଏମଟି ରେ ପହଞ୍ଚି ୧୪.୯୭ ପ୍ରତିଶତ ଓ ସାର ରେ ୮.୪୧ ପ୍ରତିଶତ ଅଭିବୃଦ୍ଧି ଘଟିଛି। ତେବେ ଏହି ଐତିହାସିକ ସଫଳତା ପାଇଁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ୱାଲଙ୍କ ଦୃଢ଼ ନେତୃତ୍ୱ ଓ ପାରଦର୍ଶୀ ମାର୍ଗଦର୍ଶନ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ଦର୍ଶାଇବା ସହ ତାଙ୍କୁ କୃତଜ୍ଞତା ଜଣାଇବା ସହ ବନ୍ଦରର ସମସ୍ତ ଅଧିକାରୀ, କର୍ମଚାରୀ, ବ୍ୟବହାରକାରୀ, ଷ୍ଟିଭେଡୋର୍ସ, ଜାହାଜ ଏଜେଣ୍ଟ, ଟ୍ରେଡ଼ ୟୁନିଅନ ଓ ଅପରେଟର ମାନଙ୍କୁ ବନ୍ଦରର ଏହି ସଫଳତା ପାଇଁ ପ୍ରଶଂସା କରିଛନ୍ତି ।

## ଧର୍ମଗଡ଼ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର




କଳାହାଣ୍ଡିଭବାନୀପାଟଣା, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍. ମିଶ୍ର, ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୦ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୫୩ ଗୋଟି ଓ ସାମୂହିକ୧୭ ଗୋଟି ରହିଥିବା ବେଳେ ୧୧ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଯୁଗ୍ମ ଜନଶୁଣାଣି ଶିବିରରେ ଭତ୍ତା,ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମିବିବାଦ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା,ବ୍ୟାଙ୍କ୍, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ,ଭାର ପ୍ରାପ୍ତ ଉପ ଜିଲ୍ଲାପାଳ ଧର୍ମଗଡ଼, ଅଜୟ ପ୍ରକାଶ ତିର୍କୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ବବିତା ପାଟଯୋଷୀ, ଏନ୍ ଏ ସି ଅଧ୍ୟକ୍ଷ ଅଶୋକ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. କିଶୋର କୁମାର ପୃଷ୍ଟି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡ଼ା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ,ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ବଞ୍ଚିବାର ରାହା – ଜଙ୍ଗଲ ହିଁ ସାହା

ଦଶପଲ୍ଲା, (ମହାଭାରତ) : ଜଙ୍ଗଲ ଓ ପ୍ରାକୃତିକ ସମ୍ପଦର ଦ୍ରୁତ ଅବକ୍ଷୟ ଓ କଳ କାରଖାନା ବୃଦ୍ଧି ଯୋଗୁଁ ସମାଜ, ସଭ୍ୟତା ଓ ପରିବେଶ ପ୍ରଦୂଷଣ ହେବ ସହିତ ଜଳବାୟୁ ପରିବର୍ତ୍ତନ ଘଟିଛି। ଏହା ପ୍ରାଣୀ ଜଗତ ପାଇଁ ସାଙ୍ଘାତିକ ସମସ୍ୟା ଭାବେ ଠିଆ ହେଇଛି। ବିପୁଳ ମାତ୍ରାରେ ଜଙ୍ଗଲ ନଷ୍ଟ ହେବା ଯୋଗୁଁ ଜୈବ ବିବିଧତା ଧ୍ୱଂସ ହେବା ସହିତ ବନ୍ୟ ଜନ୍ତୁ ପଶୁ ପକ୍ଷୀ ଲୋପ ପାଇ ଗଲେଣି। ଆମ ସଭ୍ୟତା ଦୁର୍ଦ୍ଦିନ ଓ ଘଡି ସନ୍ଧି ମୁହୂର୍ତ୍ତରେ ପହଞ୍ଚିଛି। ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ବଢ଼ିବା ସହିତ ଜଙ୍ଗଲ ବାସୀଙ୍କ ଜୀବନ ଜୀବିକାର ମୂଳ ଉତ୍ସ ଗ୍ରାମ୍ୟ ଜଙ୍ଗଲ ଶ୍ରୀହୀନ ହେଇ ଗଲାଣି। ଜଙ୍ଗଲ ଉପରେ ନିର୍ଭର କରୁଥିବା ଆଦିମ ଅଧିବାସୀଙ୍କ ଜୀବନ ଜୀବିକା ଅତି ବିପନ୍ନ ହୋଇପଡିଛି। ଏହାର ସମାଧାନ ମାନବ ହାତରେ। ମାନବକୃତ ଏ ସଙ୍କଟରୁ ମୁକ୍ତି ପାଇବା ପାଇଁ ସମଗ୍ର ସମାଜ ବୃକ୍ଷ ରୋପଣ ଓ ସଂରକ୍ଷଣ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ବିଚାର କରିବାର ବେଳ




ଆସିଛି। ଜଙ୍ଗଲ ସୁରକ୍ଷା କରିବା ସହିତ ବୃକ୍ଷ ରୋପଣ ପ୍ରତି ଦୃଷ୍ଟି ଦେବା ଅତ୍ୟନ୍ତ ଜରୁରୀ ମନେ କରି ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତସରିଗଣ୍ଡା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ନେଳି ଗୋଡା ଓ ବରପଲି ମଧ୍ୟରେ ଥିବା ଜଟିଆପଲି ମୁଣ୍ଡିଆର ତଳ ଅଞ୍ଚଳରେ ଥିବା ଖାଲି ସ୍ଥାନରେ ଆଦର୍ଶ ଶିକ୍ଷକ, ପରିବେଶ ପ୍ରେମୀ ତଥା ସମାଜସେବୀ ଶ୍ରୀଯୁକ୍ତ ଅଜୟ ବେହେରା ଓ ଅଧିକାର ମିତ୍ର ପ୍ରଦୀପ ସାହୁଙ୍କ ନେତୃତ୍ୱରେ ଷାଠିଏ ରୁ ଅଧିକ ଛାତ୍ର ଛାତ୍ରୀ ଏବଂ ଯୁବକ ମାନଙ୍କ ସହଯୋଗରେ ପ୍ରାୟ ୩୫୦ ରୁ ଉର୍ଦ୍ଧ୍ୱ ବର, ଅସ୍ୱସ୍ଥ ଓ ଜାମୁ ଇତ୍ୟାଦି ଉପାଦେୟ ଓ ଦୀର୍ଘ ସ୍ଥାୟୀ ବୃକ୍ଷ ରୋପଣ କରାଯିବା ସହିତ ପ୍ରତିଟି ଗଛକୁ ବଞ୍ଚାଇବା ଓ ବଢ଼ାଇବା ଦାୟିତ୍ୱ ମଧ ଛାତ୍ର ଛାତ୍ରୀଙ୍କ ଭିତରେ ବଣ୍ଟନ କରଯାଇଛି। ଏହା ସହିତ ପରିବେଶ ସୁରକ୍ଷା କ୍ଷେତ୍ରରେ ଛାତ୍ର ଛାତ୍ରୀ ଓ ଯୁବକ ମାନଙ୍କ ଭୂମିକା ତଥା ଭବିଷ୍ୟତ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏ କାର୍ଯ୍ୟକ୍ରମକୁ ପ୍ରକଳ୍ପ ଅଧିକାର, ଦଶପଲ୍ଲା ତରଫରୁ ଉତ୍ସାହିତ କରାଯାଇଥିଲା। ସୂଚନା ଯୋଗ୍ୟ ଯେ, ଟି. ପି. ସି. ଓ.ଡି. ଏଲ୍ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେସନ, ଭୁବନେଶ୍ୱରଙ୍କ ମିଳିତ ଉଦ୍ୟମରେ ବିଗତ ଏକ ବର୍ଷ ଧରି ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ ଦଶଗୋଟି ଗ୍ରାମ ପଞ୍ଚାୟତରେ ଥିବା ବଞ୍ଚିତ, ଅବହେଳିତ, ଦଳିତ, ଆଦିବାସୀ ମହିଳା,ଶିଶୁ , ବୃଦ୍ଧ ବୃଦ୍ଧା ଓ ଭିନ୍ନକ୍ଷମଙ୍କ ନିକଟରେ ସରକାରୀ ଜନ ମଙ୍ଗଳ ଯୋଜନାର ସୁଫଳ କିପରି ପହଞ୍ଚି ପାରିବ ସେଥି ନିମନ୍ତେ ଅଧିକାର ମିତ୍ରଙ୍କ ଦ୍ୱାରା ନିରନ୍ତର ଗଣ ସଚେତନତା କାର୍ଯ୍ୟକ୍ରମ କରିଆସୁଥିବା ସହିତ ଗ୍ରାମୀଣ ଜଙ୍ଗଲ ଓ ପରିବେଶ ସୁରକ୍ଷା ଦିଗରେ ମଧ ଗ୍ରାମ ଗୋଷ୍ଠୀଙ୍କୁ ଉତ୍ସାହିତ କରି ଆସୁଅଛି।

## ଖବରକାଗଜ ବିତରକ ସଂଘର ସଭାପତିଙ୍କ ଆଶୁ ଆରୋଗ୍ୟ କାମନା କଲେ କାର୍ଯ୍ୟରତ ସାମ୍ବାଦିକ ଓ ବିତରକ



ପାରାଦୀପ, (ମହାଭାରତ) : ପାରାଦୀପ ଖବରକାଗଜ ବିତରକ ସଙ୍ଘର ସଭାପତି ପ୍ରଦୀପ କୁମାର ଜେନା ରବିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଛନ୍ତି । ପାରାଦୀପ ବନ୍ଦର ସହର ଜୟଦେବ ସଦନ ଗୋଲେଇ ଛକ ନିକଟରେ ଏକ ଗାଡି ଦ୍ରୁତ ଗତିରେ ବେପାରୁଆ ଭାବେ ତାଙ୍କୁ ଧକ୍କା ଦେବାରୁ ଶ୍ରୀ ଜେନା ଗୁରୁତର ଅବସ୍ଥାରେ ବନ୍ଦର ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ୪ ଟି ଷ୍ଟିଚ ହୋଇଛି । ଏବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ରହିଛି । ତେବେ ସହରରେ ଏବେ ବେପାରୁଆ ଦ୍ରୁତ ଗାଡି ଚାଳନା ଯୋଗୁଁ ସାଧାରଣରେ ଯାତାୟତ ଦୁର୍ବିସହ ହେବା ସହ ଏଭଳି ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ତେବେ ପୋଲିସ ପ୍ରଶାସନ ଏହି ଅମାନିଆ ଦ୍ରୁତ ଗାଡି ଚାଳକ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେବା ସହ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ଓ ବିତରକ ସଙ୍ଘର ସଦସ୍ୟମାନେ ଶ୍ରୀ ଜେନା ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ବିଶୋଇ ସାପ୍ତାହିକ ହାଟରେ ବେଆଇନ ଗୋମାଂସ ବିକ୍ରି ମାମଲାରେ ୪ ଜଣଙ୍କୁ କୋର୍ଟ ଚାଲାଣ




ରାଇରଙ୍ଗପୁର (ମହାଭାରତ): ବାମନଘାଟୀ ଉପଖଣ୍ଡରେ ବିଭିନ୍ନ ସାପ୍ତାହିକ ହାଟରେ ଅବାଧ ଗୋମାଂସ ବିକ୍ରି ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି ।ପୋଲିସ ମଧ୍ୟ ଏଥିପ୍ରତି କଠୋର ହେଉଛି ।ଆଇନ କୁ ଫୁ କରି ଦେଉଛନ୍ତି ଗୋତସ୍କର ମାନେ ।ସୂଚନାଯୋଗ୍ୟ ବିଶୋଇ ଥାନା ଅନ୍ତର୍ଗତ ବିଶୋଇ ସାପ୍ତାହିକ ହାଟରେ କିଛି ଗୋତସ୍କର ଗୋମାଂସ ବିକ୍ରି କରୁଥିବା ସମୟରେ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା କିଛି ଗୋତସ୍କର ପୋଲିସକୁ ଦେଖି ଘଟଣାସ୍ଥଳରୁ ଚମ୍ପଟ ମାରି ଥିବାବେଳେ ପୋଲିସ ୪ ଜଣ ଗୋତସ୍କରଙ୍କୁ ମାଡ଼ି ବସିଥିଲା ।ସେମାନେ ହେଲେ ମାତାରାମ ସୋରେନ,ଧାଡ଼ଙ୍ଗା ନାଏକ,ଜାକତୁ ସୋରେନ ଏବଂ ରାଇମାଳ ନାଏକ । ବିଶୋଇ ପୋଲିସ ସେମାନଙ୍କ ନାମରେ ପଶୁ ହତ୍ୟା ମାମଲା କେଶ ନମ୍ବର ୧୩୬/୨୫ ରୁଜୁ କରି ଆଜି କୋର୍ଟ ଚାଲାଣ କରିଛି ଯବିଶୋଇ ପୋଲିସର ଏତାଦୃଶ କାର୍ଯ୍ୟକୁ ଗୋପ୍ରେମୀ ଏବଂ ଅ□ଳବାସୀ ପ୍ରଶଂସା କରିଛନ୍ତି ।ଗୋମାଫିଆଙ୍କ କୋର୍ଟ ଚାଲାଣ ଶୁଣି ।ମନଘାଟୀ ଉପଖଣ୍ଡର ଗୋତସ୍କରଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।ରାଇରଙ୍ଗପୁର ପୋଲିସ ଜିଲ୍ଲା ଘୋଷଣା ପରଠାରୁ ଅସାମାଜିକ,ଆଇନ ବିଶୃଙ୍ଖଳାକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ।

## ଶ୍ରାବଣ ମାସତୃତୀୟ ସୋମବାର ବାବା ଐଶ୍ୱାନେଶ୍ୱର ଶୈବପୀଠ ଚଳଚଞ୍ଚଳ



ରାଇରଙ୍ଗପୁର(ମହାଭାରତ): ରାଇରଙ୍ଗପୁର ସହରର ଗଡ଼ ଗ୍ରାମର ଶ୍ରୀ ଶ୍ରୀ ଐଶ୍ୱାନେଶ୍ୱର ଶୈବପିଠ ରେ ଶ୍ରାବଣ ମାସର ତୃତୀୟ ସୋମବାର ଦିନ କାଉଡ଼ିଆ ଏବଂ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା ପାଇଁପ୍ରଳ ଗହଳି ଲାଗିଥିଲା । କାଉଡ଼ିଆ ଙ୍କ ସମାଗମରେ ସମଗ୍ର ପୀଠଟି ଗେରୁଆମୟ ହୋଇଥିଲା ।ଶହ ଶହ ଶ୍ରଦ୍ଧାଳୁ ଦୂରୁଦୂରାନ୍ତ ଜଳ ଆଣି ବାବାଙ୍କ ପାଖରେ ଜଳ ଲାଗି କରିଥିଲେ ।ଥିଲେ ଏହି ଅବସରରେ ଭୋର୍ ୫ ଟା ରେ ମନ୍ଦିରର ପୂଜକମାନେ ମନ୍ଦିର ଦ୍ୱାର ଖୋଲି ଦୈନନ୍ଦିନ ପୂଜା ନୀତି କାନ୍ତି କରିଥିଲେ । କାଉଡ଼ିଆ ମାନେ ୬୦/୭୦ କିଲମିଟର ଦୂର ଖିଚିଂର କେଶନା ନିକଟସ୍ଥ ବୈତରଣୀ ନଦୀରେ ବୁଡ଼ ପକାଇ ଜଳ ସଂଗ୍ରହ କରି ରାସ୍ତା ରେ ଚାଲି ଚାଲି ଆସି ଜଳାଭିଶେକ କରିଥିଲେ। ଶ୍ରୀ ଶ୍ରୀ ଐଶ୍ୱାନେଶ୍ୱର ଶୈବପୀଠ ଭୋଲେ ବାବା ପାର କରେଇବା ଓମ୍ ନମଃ ଶିବାୟ ଉଚ୍ଚାରଣରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଂଚଳ ।କମିଟି ତରଫରୁ ଶ୍ରଦ୍ଧାଳୁଙ୍କ ଗହଳିକୁ ଲକ୍ଷ୍ୟ କରାଯାଇ ଶାନ୍ତି ଶୃଙ୍ଖଳା ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ କମିଟି ତରଫରୁ ଅଭ ପ୍ରସାଦ ବଣ୍ଟନ କରାଯାଇଥିଲା।

## ଜୁନାଗଡ ସାହିତ୍ୟ ସଂସ୍କୃତି ସଂସଦ ର ପ୍ରଥମ ବାର୍ଷିକ ଉତ୍ସବ

ଜୁନାଗଡ଼ :(ମହାଭାରତ ):-ଜୁନାଗଡ ସାହିତ୍ୟ ସଂସ୍କୃତି ସଂସଦର ପ୍ରଥମ ବାର୍ଷିକ ଉତ୍ସବ ଓ ଶ୍ରାବଣ ସାହିତ୍ୟ ଆସର ଜୁନାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ଅଜୟ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆସର ରେ ମୁଖ୍ୟ ଅତିଥି ଜୁନାଗଡ଼ ସମ୍ବାଦ ସାହିତ୍ୟ ଘର ସଭାପତି ଅଶୋକ ପଟ୍ଟନାୟକ, ମୁଖ୍ୟ ବକ୍ତା; ସାହିତ୍ୟିକ: ସର୍ବଶ୍ରୀ ସବା ଖିଆ ସାହିତ୍ୟ ସଂସଦର ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ,; ସମ୍ମାନୀତ ବକ୍ତା: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରବଣ କୁମାର ସାହୁ; ସମ୍ମାନୀତ ଅତିଥି: ସମାଜ କର୍ମୀ ବିଶ୍ୱନାଥ କର, ଅଧାପକ ରାଜେଶ କୁମାର ମୁଣ୍ଡ ଯୋଗ ଦେଇ ସାହିତ୍ୟରେ ଏକନିଷ୍ଠ ସାଧନା ଏକାନ୍ତ ଆବଶ୍ୟକ ଓ କବିମାନେ ମାଟିର କଥା କୁହନ୍ତୁ ବୋଲି ପ୍ରକାଶ କରିଥିଲେ। ଯୁଗ ଯାତ୍ରୀ ସାହିତ୍ୟ ସଂସଦର ସମ୍ପାଦକ ହେମନ୍ତ ସାହୁ ମ□ ପରିଚାଳନା ଓ କିରଣମୟ ସେନାପତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ସହସଂପାଦକ ନବଘନ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା ସହ ଧନ୍ୟବାଦ ଅର୍ପଣ କରିଥିଲେ। କବି ପ୍ରତାପ ଚନ୍ଦ୍ର ପଣ୍ଡା, ଅର୍ଜୁନ ଗୋପାଳ, ଦୀନେଶ ମେହେର,ଶିବ ପ୍ରସାଦ ମହାରଣା ଙ୍କ କବିତା ସଂଯୋଜନା ରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୬୦ ଜଣ କବି ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

କାକଟପୁର (ମହାଭାରତ): ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୁତି ଭୂଷଣ କରଙ୍କ ଆହ୍ୱାନ କ୍ରମେ ପୁରୀଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର କାର୍ଯ୍ୟକର୍ତ୍ତା ମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ବିଗତ କିଛି ଦିନ ହେବ, ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣା କ୍ରମାଗତ ଭାବେ ବଢି ଚାଲିଛି । ଏହାକୁ ନେଇ ସାରା ରାଜ୍ୟରେ ସାମ୍ବାଦିକ ମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତେବେ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ଦେବାର ପ୍ରତିବଦ୍ଧତା ସ୍ୱରୂପ ରାଜ୍ୟରେ 'ସାମ୍ବାଦିକ ସୁରକ୍ଷା ଆଇନ' ପ୍ରଣୟନ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତାଙ୍କ ସମେତ ୨୫ ବର୍ଷରୁ ଉର୍ଦ୍ଧ ପିଲାମାନଙ୍କୁ ସାମିଲ କରିବା ସହିତ ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ୬୦ ବର୍ଷରୁ ଉର୍ଦ୍ଧ ସାମ୍ବାଦିକ ମାନଙ୍କ ପାଇଁ ପେନସନ ଲାଗୁ କରିବା ଆଦି ଦାବୀ ନେଇ ଦୃଷ୍ଟି ଆକର୍ଷଣ ପୂର୍ବକ ସଂଘ ପକ୍ଷରୁ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଶରତ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା।

# ୩ ବର୍ଷ ହେଲା ନାହାନ୍ତି ସ୍ଥାୟୀ ପ୍ରଧାନ ଶିକ୍ଷକ

## ଦୁଇମାସ ପରେ ବି ଖୋଲି ପାରିଲାନି ବାଲ ବାଟିକା ୧,୨




ଅନୁଗୋଳ,(ମହାଭାରତ):ନବରତ୍ନ ପ୍ରାପ୍ତ କମ୍ପାନି ନାଲ୍କୋର ଦିଲ୍ଲୀ ପବ୍ଲିକ୍ ସ୍କୁଲ୍ (ଡିପିଏସ୍)ରେ କମ୍ପାନି କର୍ମଚାରୀ ଓ ସ୍ଥାନୀୟ କ୍ଷତିଗ୍ରସ୍ତ ଜମିହରା ପ୍ରଜାଙ୍କ ପିଲାମାନେ ପଢୁଛନ୍ତି। ପ୍ରାୟ ୩ ବର୍ଷ ହେବ ସ୍କୁଲ୍ରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତିୟ ଆଉ ବିଭିନ୍ନ ବିଭାଗର ଶିକ୍ଷକ ପଦବି ମଧ୍ୟ ଖାଲି ପଡ଼ିଛି। ଏଥି ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ,୩ ବର୍ଷ ହେଲା ସ୍ଥାୟୀ ପ୍ରଧାନ ଶିକ୍ଷକ ନ ଥିବାରୁ ବିଭିନ୍ନ ସମସ୍ୟା ଦେଖାଦେଇଛି। ସମସ୍ତ ସ୍କୁଲ କଲେଜ ଖୋଲି ସାରିଥିବା ବେଳେ ଏ ପର୍ଯ୍ୟନ୍ତ ନାଲକୋ ( ଡିପିଏସ୍)ର ବାଲ ବାଟିକା ୧,୨ ଖୋଲାଯାଇ ପାରିନାହିଁ। ଯାହାଫଳରେ କୋମଳମତୀ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛି ନାଲକୋ (ଡିପିଏସ୍) ।ଯାହାଫଳରେ ଅଭିଭାବକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି।ଉଭୟ ଜୁନିୟର୍ ଓ ସିନିୟର୍ ଡିପିଏସ୍ ସ୍କୁଲରେ ଭୌତିକ ବିଜ୍ଞାନ, ହିନ୍ଦି, ଓଡ଼ିଆ, ଇଂରାଜୀ, ଗଣିତ, ଭୂଗୋଳ, ସଂସ୍କୃତ, ଜୀବବିଜ୍ଞାନ, ଅର୍ଥନୀତି, କମ୍ପ୍ୟୁଟର୍ ବିଜ୍ଞାନ, ଖେଳ, ଗୀତ, ନାଚ ଓ କାର୍ଯ୍ୟାଳୟ ସହାୟକ ଏମିତି ୩୦ଟି ପଦବି ଗତମାସ ନିଯୁକ୍ତି ଆହ୍ୱାନ କରାଯାଇଥିଲା। ସେଥିରେ ମଧ୍ୟରୁ ଭୌତିକ ବିଜ୍ଞାନ ଓ ଓଡ଼ିଆ ବିଭାଗର ଲିଖିତ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଯାହା ଫଳରେ ଏହି ଦୁଇ ବିଭାଗରେ ଶିକ୍ଷକ ନିଯୁକ୍ତିକୁ ବାତିଲ କରିଦିଆଯାଇଥିଲା। ଏଥିରେ ସଂପୃକ୍ତ ଥିବା ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଏହାକୁ ନେଇ ଅସନ୍ତୋଷ ଦେଖା ଦେଇଥିଲା। ବାକି ଅନ୍ୟ ବିଭାଗରେ ଲିଖିତ ଓ ମୌଖିକ ପରୀକ୍ଷା ଶେଷ ହୋଇଥିଲେ ବି ଶିକ୍ଷକ ନିଯୁକ୍ତି ହୋଇପାରି ନାହିଁ।ସିନିୟର୍ ଡିପିଏସ୍ ସ୍କୁଲର ଜଣେ ଶିକ୍ଷକ ଶିକ୍ଷକତା କରୁଥିବା ବେଳେ ସେହି ଶିକ୍ଷକ ଜୁନିୟର ଡିପିଏସ୍ ସ୍କୁଲରେ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ ତୁଲାଉଛନ୍ତି। ଯାହାଫଳରେ ଶିକ୍ଷାଦାନ ଠିକ୍ ଭାବରେ ହୋଇ ପାରୁନାହିଁ। ପରିମଳ ବ୍ୟବସ୍ଥା ନ କହିଲେ ଭଲୟ ବର୍ଷାଦିନ ହେତୁ ଚତୁପାର୍ଶ୍ୱ ଘାସ ଅଳିଆ ଆବର୍ଜନା ସହ ବଡ଼ ବଡ଼ ଲଟା ବୁଦାରେ ପରିପୂର୍ଣ୍ଣ ହୋଇଯାଇଛି। ବିଭିନ୍ନ ପ୍ରକାର ସରିସୃପ ସ୍କୁଲମଧ୍ୟକୁ ପଶିଆସୁଥିବାର ନଜିର ମଧ୍ୟ ଅଛି। ଚତୁପାର୍ଶ୍ୱରେ ଆଲୋକ ନ ଥିବାରୁ ବାରମ୍ବାର ଚୋରି ହେଉଛି।ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକ ପଦବି ଖାଲି ପଡ଼ିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ବେଳେ ଏଦିଗରେ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି । ଏ ନେଇ ସ୍କୁଲ୍ର ଅଧକ୍ଷ ମାଧବ ବେହେରାଙ୍କୁ ପଚାରିବାରୁ ଶିକ୍ଷକ ନିଯୁକ୍ତି ସହ ଖୁବ୍ ଶିଘ୍ର ବାଲ ବାଟିକା ୧,୨ଖୋଲାଯିବ ହେବ ବୋଲି କହିଛନ୍ତି।

## ବିଧାୟକଙ୍କ ମୋଟୁ ଓ ଏମ୍. ଭି-୭୯ ଅଞ୍ଚଳ ଗ୍ରସ୍ତ

### ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି



କାଲିମେଲା(ମହାଭାରତ): ଗାତ କାଲି ବିଧାୟକ ମୋଟୁ ଓ ଏମ୍. ଭି-୭୯ ଅଞ୍ଚଳ ଗ୍ରସ୍ତ କରି ବିଭିନ୍ନ ସମସ୍ୟା ଉପରେ କରିଥିଲେ ଆଲୋଚନା ।ସୂଚନା ଥାଉକି ଗତକାଲି ବିଧାୟକ ନରସିଂଘ ମାଡକାମୀ ମୋଟୁ ଓ ଏମ୍. ଭି-୭୯ ଗ୍ରସ୍ତ କରିଥିଲେ ଏବଂ ସେହି ଗ୍ରସ୍ତ ସମୟରେ ସେହି ଅଞ୍ଚଳର ବିଭିନ୍ନ ସମସ୍ୟା ଗୁଡିକ ଉପରେ ଆଲୋଚନା କରିଥିଲେ । ଯେଉଁଳି କି ଲଗାଣ ବର୍ଷା ପାଇଁ ବନ୍ୟା ପରିସ୍ଥିତି,ବିଦ୍ୟୁତ, ନେଟୱର୍କ, ରାସ୍ତା ଏବଂ ଚାଷୀମାନଙ୍କ ମଣ୍ଡି କାର୍ଡ଼ ବିଷୟରେ ଆଲୋଚନା କରିଥିଲେ । ସେଭଳି ପ୍ରତ୍ୟେକ ଗ୍ରାମ ଗୁଡିକରେ ଥିବା ଚାଷୀମାନେ କିଭଳି ମଣ୍ଡି କାର୍ଡର ସୁବିଧା ପାଇବେ ଏବଂ ଯେମିତି କିଛି ଅସୁବିଧା ସମ୍ମୁଖୀନ ହେବେ ନାହିଁ ସେହି ବିଷୟରେ ଆଲୋଚନା କରିବା ସହ ଅସୁବିଧା ହେଲେ ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବିଧାୟକ ନରସିଂଘ ମାଡକାମୀ । ଏହା ସହ ଏମ୍. ଭି-୭୯ ଠାରେ ପହଞ୍ଚି ଅଞ୍ଚଳରେ ରହିଥିବା ସମସ୍ତ ବିଜେପି କର୍ମୀଙ୍କୁ ଡାକି ଏକ ବୈଠକ କରିବା ସହ ଅଞ୍ଚଳରେ ଥିବା ସମସ୍ୟା ଗୁଡିକ ଉପରେ ପଚାରି ବୁଝିଥିଲେ କ୍ଷ ଯେପରିକି ଏମ୍. ଭି-୭୯ ଠାରୁ ମେଡିକାଲ ଦେଇ ଯାଇଥିବା ରାସ୍ତାର ଅବସ୍ଥା ବହୁତ ଶୋଚନୀୟ ହୋଇପଡିଥିବା ବେଳେ ତାହାର କେମିତି ମରାମତି କାର୍ଯ୍ୟ କରାଯିବ ଓ ଏକ ନିର୍ଦ୍ଦିଷ୍ଟ ନେଟୱର୍କ ଯାହାକି ର ଅସୁବିଧା ଯେଉଁଳି ଇଲେକ୍ଟ୍ରି ଚାଲିଗଲେ ନେଟୱର୍କ ଚାଲିଯାଏ ଏବଂ ଇଣ୍ଟରନେଟର ଅସୁବିଧା ଭୋଗିବା ପାଇଁ ପଡିଥାଏ ଏହି ଏମ୍. ଭି-୭୯ ସହ ଆଖପାଖ ଅଞ୍ଚଳବାସୀଙ୍କୁ । ଏବଂ ବହୁ ବର୍ଷ ଧରି ଏମ୍.ଭି-୭୯ରେ ଏକ ଗୋଷ୍ଠୀ ଶୌଚାଳୟ ତିଆରି ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନ ଥିବା ବେଳେ ବସ ଆସୁଥିବା ଯାତ୍ରୀ, କଲେଜ ଛାତ୍ର ଛାତ୍ରୀ ଏବଂ ଏଠି ରହୁଥିବା ଅଞ୍ଚଳବାସୀ ଏହି ସୁବିଧାରୁ ବଞ୍ଚିତ ହେବା ସହ ସରକାରଙ୍କ ଲକ୍ଷାଧିକ ଟଙ୍କାରେ ନିର୍ମିତ ଏହି ଶୌଚାଳୟ ଆଜି ବଣ ଜଙ୍ଗଲ ରେ ପରିପୂର୍ଣ୍ଣ ହୋଇ ରହିଛି । ତେଣୁ ଏହି ସବୁ ସୁବିଧା ଯୋଗେଇ ଦିଆଗଲେ ଲୋକେ ବହୁତ ଉପକୃତ ହେବା ସହ ସମସ୍ୟାର ସମାଧାନ ହୋଇପାରି ଥାନ୍ତା । ଏହା ସହ ଆଜି ମୋଟୁ ଠାରେ କାର୍ଗୀଲ ଦିବସ ପାଳନ କରାଯାଇଛି। ଏଥିରେ ଉପସ୍ଥିତ ଥିଲେ ମାଲକାନଗିରି ବିଧାୟକ ଶ୍ରୀଯୁକ୍ତ ନରସିଂଙ୍ଗ ମାଡକାମି ଏବଂ ଜିଲ୍ଲା ସମ୍ପାଦକ ଭାନିଶଙ୍କର ମୁଖାର୍ଜୀ ଏବଂ ଜିଲ୍ଲା ଉପ ସଭାପତି ସଫନ ରାୟ ଏବଂ ମାଲକାନଗିରି ବ୍ଲକ ଉପ ଅଧକ୍ଷ ନିରଞ୍ଜନ ଆଳଦାର ଏବଂ କାଳିମେଳା ବିଧାୟକ ପ୍ରତିନିଧି ହରିଲାଶ ମଣ୍ଡଳ ଜିଲ୍ଲା କାର୍ଯ୍ୟ କର୍ତ୍ତା ଏବଂ ବିଧାୟକ ସହଯୋଗି ସୋମନାଥ ମାଡ଼ି ଏବଂ ମୋଟୁ ରମେଶ ସୋଡି ଓ ଅନ୍ୟାନ୍ୟ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତା ଭାଇ ମାନେ ଉପସ୍ଥିତ ଥିଲେ ।

## ବୋଲବମ ଭକ୍ତଙ୍କୁ ଗଣଶିକ୍ଷା ମନ୍ତ୍ରୀଙ୍କ ସେବା



ରାଇଘର (ମହାଭାରତ) ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ର ବିଭିନ୍ନ ଗ୍ରାମରୁ ଆଜି ଶ୍ରାବଣ ତୃତୀୟ ସୋମବାରରେ ପ୍ରତ୍ୟକ ଶିବମନ୍ଦିର ରେ ବୋଲବମ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି । ଆଜି ଶହ ଶହ ବୋଲବମ ଭକ୍ତ ବେହେଡା ସ୍ଥିତ ତେଲ ନଦୀରୁ ଜଳ ଭାର ଆଣି ରାଇଘର ଧବଳେଶ୍ୱର ମନ୍ଦିର ରେ ଜଳାଭିସେକ କରିବାକୁ ଆସୁଥିବାବେଳେ ମଝି ରାସ୍ତା ରେ ଉମରକୋଟ ନିର୍ବାଚନ ମଣ୍ଡଳୀ ର ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ସହଧର୍ମିଣୀ ଙ୍କ ଶହ ବୋଲବମ ଭକ୍ତ ଙ୍କ ଶହ ମିଶି ଭଗବାନ ଶିବଙ୍କ ନାରା ଦେଇ ଭକ୍ତମାନଙ୍କୁ ଉତ୍ସାହିତ କରି ଥଣ୍ଡା ପାନୀୟ ଓ ମିଷ୍ଟାନ ବଣ୍ଟନ କରିଥିଲେ । ମାନ୍ୟବର ମନ୍ତ୍ରୀ ଙ୍କ ଶହ ରାଇଘର ବ୍ଲକ ର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିବା ବେଳେ ଲୋକସଭା ସାଂସଦ ଙ୍କ ପ୍ରତିନିଧି ପ୍ରୀତିସ୍ମିତା ମହାପାତ୍ର ମଧ ଉପସ୍ଥିତ ଥିଲେ ପରବର୍ତ୍ତୀ ସମୟରେ ଶ୍ରଦ୍ଧାଳୁ ଭକ୍ତମାନେ ରାଇଘର ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣ ରେ ପହଂଚି ଲମ୍ବା ଧାଡିରେ ଠିଆହୋଇ ଶାନ୍ତି ପୂର୍ଣ୍ଣ ଭାବରେ ଶିପାର୍ବତୀ ଙ୍କ ଦର୍ଶନ କରି ଶିବ ଲିଙ୍ଗରେ ଜଳାଭିଶେକ କରିଥିଲେ ।

## କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣୀ

## ୧୪୮ ଅଭିଯୋଗର ଶୁଣାଣୀ କଲେ ଜିଲ୍ଲାପାଳ



କପ୍ତିପଦା (ମହାଭାରତ )- ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସଞ୍ଜୟ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ୧୪୮ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍ଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୧୨୬ ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୨୨ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୧୫ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ୧୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫ ହଜାର ଲେଖାଏଁ ୭୦ ହଜାର ଏବଂ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ମୋଟ ୭୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ଉଦଳା ଏନଏସି ୱାର୍ଡ ନମ୍ବର ୧୦ ଗୋପବନ୍ଧୁନଗର ମୌଜା ମହାଦେବ ପୋଖରୀ ରାସ୍ତାପାଶ୍ୱର୍ରେ ଥିବା ବିଦ୍ୟୁ ଖୁ□ ସ୍ଥାନାନ୍ତର, ଉଦଳା ବ୍ଲକ ଦୁଗୁଧା ପଞ୍ଚାୟତ କାର୍ଯ୍ୟାଳୟକୁ ଲାଗିଥିବା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ, ମଉଦା ସାମିଲ କ୍ଷେଣ୍ଡଗଡିଆ ଗ୍ରାମରେ ବିଦ୍ୟୁ ସଂଯୋଗ, ରାଡୋ ନୂତନ ଲ୍ୟାମ୍ପରେ ଧାନମଣ୍ଡି ଖୋଲିବା, ଶ୍ରୀଦାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଲ୍ୟାମ୍ପ ଛକ ଠାରୁ ମୂଷାଖାଇ ପିଚୁ ରାସ୍ତାର ପୂର୍ଣ୍ଣାଙ୍ଗକରଣ, ପାଟଶାଣୀପୁର ପଞ୍ଚାୟତ ଚନ୍ଦ୍ରପୁର ସରକାରୀ ଉ.ପ୍ରା. ବିଦ୍ୟାଳୟ ସରକାରୀ ଜମି ବେଆଇନ ଦଖଲ ଉଚ୍ଛେଦ ଓ ପଟ୍ଟା ବଣ୍ଟନ, ପାଟଶାଣୀପୁର ଗ୍ରାମର କେନାଲ ଅବରୋଧ, ଜାମୁଘାଟ ପୋଲ ଧୋଇଯିବା, ଉଦଳା ଏନଏସି ୱାର୍ଡ ନମ୍ବର ୧ ରାସ୍ତା ମରାମତି, ଖୁଣ୍ଟା ବ୍ଲକ କମଳି ଉଚ୍ଚ ବାଳିକା ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ପାଚିକା ନିଯୁକ୍ତିରେ ଅନିୟମିତତା, ଅରିକୁଳ ପାଣି ପଞ୍ଚାୟତ ୨ୟ କେନାଲର ପାଣି ଛାଡିବା, ନାଲୁହା ଏମଆଇପି ପାଣି ପଞ୍ଚାୟତ ୨ର ବାକି ଥିବା କଂକ୍ରିଟ୍ ବଢାଯିବା।

## ୧୦୮ ଆମ୍ବୁଲାନ୍ସ ପଙ୍କଚର, ଗୁରୁତ୍ୱର ରୋଗୀ ବାଟରେ ହନ୍ତସନ୍ତ

କାକଟପୁର(ମହାଭାରତ) : ଆଗରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଏକ ଆମ୍ବୁଲାନ୍ସ (୧୦୮) ଅଚଳ କୁ ନେଇ ଖବର ପ୍ରସାରଣ ହୋଇଥିଲା, ମାତ୍ର ରାଜ୍ୟ ସରକାର ଙ୍କ ଏହି ବିଭାଗ ଆଜି ପର୍ଯ୍ୟନ୍ତ ତତପର ହେଉନାହାନ୍ତି, ଆଜି ବି ଏହିଭଳି ଏକ ଛାତିଥରା ଦୃଶ୍ୟ ସାମ୍ନା କୁ ଆସିଛି ଆଉ କିଛି ସମୟ ପରେ ହୁଏତ ମହିଳା ଗୁରୁତ୍ୱର ରୋଗୀ ଙ୍କ ଜୀବନ ଚାଲିଯିବାର ସମ୍ଭାବନା ରହିଥିଲା, ସୂଚନା ମୁତାବକ ଅସ୍ତରଙ୍ଗ କଣ୍ଟାପଡା ବାମଦେଇପୁର ଗ୍ରାମ ର ଜାନକୀ ଦାସ ଙ୍କ ୪୨ ବର୍ଷୀୟା ଧର୍ମପତ୍ନୀ ଝରଣା ଦାସ କୌଣସି କାରଣ ରୁ ଫିନାଇଲ ପି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଅପରାହ୍ନ ୩:୩୦ ସମୟ ରେ ଚିକିତ୍ସା ପାଇଁ ପହଞ୍ଚିଥିଲେ, ସେଠି ଉପସ୍ଥିତ ଡାକ୍ତର ରୋଗୀ ଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିଲେ ମାତ୍ର ରୋଗୀ ଙ୍କ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର କୁ ସ୍ଥାନାନ୍ତରିତ ହୋଇଥିଲେ, ନିକଟରେ ଆମ୍ବୁଲାନ୍ସ ନଥିବାରୁ ଦୂରରୁ ଆମ୍ବୁଲାନ୍ସ ଆସିଥିଲା ବୋଲି ସୂଚନା ରହିଛି, କିନ୍ତୁ ଦୁର୍ଭାଗ୍ୟ ର କଥା ଆମ୍ବୁଲାନ୍ସ ଟି କାକଟପୁର ବାଲିଦୋକାନ ନିକଟରେ ପଙ୍କଚର ହୋଇଥିଲା, ଗାଡି ରେ ଟାୟାର ଖୋଲିବାକୁ ଥିବା ସରଞ୍ଜାମ କାମ କରିନଥିଲା, ସେଠି ଆମ୍ବୁଲାନ୍ସ କର୍ମଚାରୀ ଅନ୍ୟ ଗ୍ୟାରେଜ ଯାଇ ସରଞ୍ଜାମ ଆଣି ଟାୟର ବଦଳାଇ ବିଳମ୍ବ ରେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ରେ ପହଞ୍ଚିଥିଲେ, ବାଟରେ ଗୁରୁତ୍ୱର ଅବସ୍ଥା ରେ ରୋଗୀ ଟିଏ ଜୀବନ ସହିତ କଷ୍ଟ ର ସହକାରେ ଲଢ଼େଇ କରିଥିଲେ, ଯାହାକୁ ନେଇ ବୁଦ୍ଧିଜୀବୀ ମହଲ ରେ ୧୦୮ ଆମ୍ବୁଲାନ୍ସ ସେବାରେ ସନ୍ଦେହ ସୃଷ୍ଟି ହୋଇଛି ।

## ଲଡୁବାବାଙ୍କ ପାଖରେ ହଜାର ହଜାର କାଉଡ଼ିଆଙ୍କ ସମାଗମ



ନୟାଗଡ଼, ( ମହାଭାରତ ) : ନୟାଗଡ଼ ଲଡୁବାବାଙ୍କ ପାଖରେ ହଜାର ହଜାର କାଉଡ଼ିଆଙ୍କ ସମାଗମ ଏବଂ ବୋଲ୍ ବମ୍ ହର ହର ବମ୍ ଧ୍ୱନୀରେ ଉତ୍ସବ ମୁଖର ହୋଇଉଠିଥିଲା ଲଡୁ ବାବା ଙ୍କ ପରିଶର। ଉତ୍ସାହର ସହ କାଉଡ଼ିଆ ମାନେ ଲଡୁବାବାଙ୍କ ପାଖରେ ଜଳ ଲାଗି କରିଥିଲେ। ଏଥିପାଇଁ ରାତି ଦୁଇଟା ରୁ ଲଡୁବାବାଙ୍କ ପାଖରେ ନିତିକନ୍ତି କରାଯାଇଥିଲା। କାଉଡ଼ିଆ ମାନେ ଲମ୍ବା ଲାଇନ ରେ ଯାଇ ବାବାଙ୍କ ପାଖରେ ଜଳ ଲାଗି କରୁଛନ୍ତି। ରାଜ୍ୟ ବିଭିନ୍ନ ସ୍ଥାନରୁ ହଜାର ହଜାର କାଉଡ଼ିଆଙ୍କ ଲଡୁବାବା ପୀଠରେ ସମାଗମ ହୋଇଥିବାରୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ମହିଳା କାଉଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଧାଡ଼ିରେ ଠିଆ ନ ହୋଇ ସିଧାସଳଖ ମନ୍ଦିର ଭିତର କୁ ଯାଇ ଲଡୁବାବାଙ୍କ ପାଖର ଜଳ ଲାଗି କରି ଦର୍ଶନ କରୁଛନ୍ତି। ପବିତ୍ର ଶ୍ରାବଣ ମାସ ର ପ୍ରଥମ ଏବଂ ଦ୍ୱିତୀୟ ପାଳିରେ ପନ୍ଦର ହଜାରରୁ ଉର୍ଦ୍ଧ କାଉଡ଼ିଆ ଲଡୁବାବା ପାଖରେ ପାଣି ଢାଳିଥିବା ବେଳେ ଆଜି ତୃତୀୟ ପାଳିରେ ପାଞ୍ଚ ହଜାର ରୁ ଉର୍ଦ୍ଧ କାଉଡ଼ିଆ ଲଡୁବାବାଙ୍କ ପାଖରେ ଜଳ ଲାଗି କରିଥିଲେ। ଦିନ ୧୧ ଟା ପର୍ଯ୍ୟନ୍ତ ଲଡୁବାବା ପାଖରେ କାଉଡ଼ିଆ ମାନେ ପାଣି ଢାଳିବା ପାଇଁ ସମୟ ସ୍ଥିର କରାଯାଇଥିଲା ବୋଲି ଲଡୁବାବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୨୫ବର୍ଷ ପୂର୍ତ୍ତୀ ଅବସରରେ ବିଶିଷ୍ଟ ଯାଦୁକର ବିମଳଙ୍କ ୪୦୦୦ ଚାରାରୋପଣ

ହିନ୍ଦୋଳ(ମହାଭାରତ)ଭାରତ ସରକାରଙ୍କର ସୂଚନା ଓ ପ୍ରସାରଣ ମନ୍ତ୍ରାଳୟର ସ୍ୱିକୃତି ପ୍ରାପ୍ତ ଗୀତ ଏବଂ ନାଟକ ବିଭାଗର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ରାଜ୍ୟ ତଥା କେନ୍ଦ୍ର ସରକାରଙ୍କର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଗୁଡିକ ନିରବଚ୍ଛିନ୍ନ ଭାବରେ ୨୫ବର୍ଷ ଜିଲ୍ଲା ତଥା ରାଜ୍ୟର କୋଣ ଅନୁକୋଣରେ ନିଜ ଯାଦୁବଳରେ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରି ଅନେକ ସମ୍ମାନରେ ସମ୍ମାନୀତ ହୋଇଛନ୍ତି ଯାଦୁଗର ବିମଳ କୁମାର।୧୯୯୯ ମସିହାରେ ପ୍ରଥମେ ଭାରତ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଯାଦୁଗର ଭାବେ ସ୍ଥାନ ପାଇଥିଲେ ବିମଳୟ ସେବେଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୨୫ ବର୍ଷ ଧରି ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକୁ ନିଜର ଯାଦୁ କଳା ମାଧ୍ୟମରେ ପ୍ରଚାର ପ୍ରସାର କରି ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଅନେକ ଗୁଡ଼ିଏ ପୁରସ୍କାର ପାଇବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ୨୦୦୯ମସିହାରେ ଓଡିଶା ସରକାରଙ୍କର ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପ୍ରକୃତି ବନ୍ଧୁ ସମ୍ମାନରେ ଏବଂ ୨୦୨୨ ମସିହାରେ ମାଟି ଭାଷା କଳାକାର ସମ୍ମାନରେ ମଧ୍ୟ ସମ୍ମାନୀତ ହୋଇଛନ୍ତି। ତେବେ ଯାଦୁଗର ବିମଳ ଙ୍କ ୨୫ବର୍ଷ ପୁ□ୀ ଅବସରରେ ଆଜି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଗୁଳେହୀ ଗ୍ରାମପ□ାୟତ ବଙ୍ଗୁ ଗ୍ରାମରେ ୪୦୦୦ଚାରା ରୋପଣ କରି ସମାଜକୁ ବୃକ୍ଷ ହିଁ ଜୀବନ ଏବଂ ଗଛଟିଏ ଜୀବନଟିଏ ସଚେତନତା ବାର୍ତ୍ତା ପ୍ରଦାନ କରିଛନ୍ତି।

## ବ୍ୟାଙ୍ଗକରେ ଭୟଙ୍କର ଗୁଳିମାଡ



ବ୍ୟାଙ୍ଗକ : ଥାଇଲାଣ୍ଡର ବ୍ୟାଙ୍ଗକରେ ଭୟଙ୍କର ଗୁଳିକାଣ୍ଡ ଘଟିଛି । ଫଳରେ ବ୍ୟାଙ୍ଗକ ଥରହର ହୋଇ ଉଠିଛି । ସେହି ଗୁଳିକାଣ୍ଡରେ ୬ଜଣଙ୍କର ମୃତ୍ୟୁ ଘଟିଛି । ସୂଚନାନୁଯାୟୀ, ମୃତକଙ୍କ ମଧ୍ୟରେ ଚାରି ଜଣ ସୁରକ୍ଷା କର୍ମୀ, ଜଣେ ମହିଳା ଏବଂ ଆକ୍ରମଣକାରୀ ସାମିଲ ରହିଛନ୍ତି । ଆକ୍ରମଣକାରୀ ପରେ ନିଜକୁ ନିଜେ ଗୁଳି କରିଛି । ଯାହା ଜଣେ ପୋଲିସ ଅଧିକାରୀ କହିଛନ୍ତି । ପୋଲିସ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବା ସହିତ ଏହା ପଛର କାରଣ ଜାଣିବାକୁ ତଦନ୍ତ ଆରମ୍ଭ କରିଛି । ସେ ଏହା ମଧ୍ୟ କହିଛନ୍ତି ଯେ ଏହି ଗୁଳିକାଣ୍ଡର ଥାଇଲାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ଚାଲିଥିବା ସୀମା ବିବାଦ ସହିତ କୌଣସି ସମ୍ଭାବ୍ୟ ସମ୍ପର୍କ ଅଛି କି ନାହିଁ । ଯାହାର ତଦନ୍ତ କର୍ତ୍ତୃପକ୍ଷ କରୁଛନ୍ତି ।

## ଟ୍ରାକରୁ ଖସିଲା ଟ୍ରେନ ୩ ମୃତ, ଅନେକ ଆହତ



ଜର୍ମାନୀ : ଜର୍ମାନୀରେ ବଡ଼ ଦୁର୍ଘଟଣା । ରବିବାର ଦକ୍ଷିଣ-ପଶ୍ଚିମ ଜର୍ମାନୀରେ ଏକ ଯାତ୍ରୀବାହୀ ଟ୍ରେନ୍ ଟ୍ରାକ୍ରୁ ଖସିପଡିଛି । ଏହି ଦୁର୍ଘଟଣାରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏହି ଦୁର୍ଘଟଣାରେ ଅନେକ ଲୋକ ଆହତ ହୋଇଥିବା ଜଣାପଡ଼ିଛି । ଖବର ଅନୁଯାୟୀ, ଜର୍ମାନୀର ରିଡଲିଙ୍ଗନ ଏବଂ ମୁଣ୍ଡରକିଙ୍ଗନ ସହର ମଧ୍ୟରେ ଯାତ୍ରୀବାହୀ ଟ୍ରେନର ଦୁଇଟି ବଗି ଲାଇନଚ୍ୟୁତ ହୋଇ ଟ୍ରାକ୍ରୁ ଖସିପଡିଛି । ଏଥିରେ ୧୦୦ ଜଣ ଯାତ୍ରା କରୁଥିଲେ । ଏହି ଦୁର୍ଘଟଣାରେ ତିନି ଜଣଙ୍କର ଜୀବନ ଯାଇଛି । ଦୁର୍ଘଟଣା ଘଟିଥିବା ଅଞ୍ଚଳଟି ଫ୍ରାନ୍ସ ଏବଂ ସ୍ୱିଜରଲ୍ୟାଣ୍ଡ ସୀମାରେ ଅବସ୍ଥିତ । ଏହି ଟ୍ରେନ୍ ସିଗମାରିଙ୍ଗେନ ଏବଂ ଉଲ୍ମ ମଧ୍ୟରେ ପ୍ରାୟ ୯୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ପଡ଼ିଥିଲା । ଦୁର୍ଘଟଣା ପରେ ପୋଲିସ କହିଛି ଯେ, ଏହି ମାମଲାରେ ତଦନ୍ତ ଆରମ୍ଭ କରାଯାଇଛି । ଦୁର୍ଘଟଣାର କାରଣ ଖୋଜାଯାଉଛି ।

## ଭୁଶୁଡ଼ିଲା ସ୍କୁଲ ଛାତ: ୬ ପିଲାଙ୍କ ମୃତ୍ୟୁ, ୨ ଗୁରୁତର

ଜୟପୁର: ରାଜସ୍ଥାନର ଝାଲାୱାଡ ଜିଲାରେ ଏକ ବଡ଼ ଦୁର୍ଘଟଣା ଘଟିଛି । ମନୋହରଥାନା ବ୍ଲକର ପିପ୍ଲୋଡି ଗାଁରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ ଭୁଶୁଡ଼ି ପଡ଼ିବା ଫଳରେ ୬ ଜଣ ପିଲାଙ୍କ ମୃତ୍ୟୁ ଘଟିଛି । ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ଅନେକ ପିଲା ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି ।ଘଟଣା ପରେ ଯୁଦ୍ଧକାଳୀନ ସ୍ତରରେ ଉଦ୍ଧାର କାର୍ଯ୍ୟ ଚାଲିଛି । ଶିକ୍ଷା ମନ୍ତ୍ରୀ ମଦନ ଦିଲାୱାର ଫୋନରେ କଲେକ୍ଟରଙ୍କ ସହ କଥା ହୋଇ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଆହତ ପିଲାମାନଙ୍କ ଚିକିତ୍ସା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପ୍ରେମିକାଙ୍କୁ ଭେଟିବାକୁ ଯିବାରୁ ନାବାଳକଙ୍କୁ ପିଟି ହତ୍ୟା

ଭୋପାଳ : ମଧ୍ୟପ୍ରଦେଶର ରତନାମ ଜିଲାର ନାମଲି ଅଞ୍ଚଳସ୍ଥିତ ମେସାଭା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜଣେ ନାବାଳକ ଆୟୁଷ ମାଲବ୍ୟଙ୍କୁ ପିଟି ପିଟି ହତ୍ୟା କରାଯାଇଛି । ଆୟୁଷ ନିଜ ପ୍ରେମିକାଙ୍କୁ ଭେଟିବାକୁ ମେସାଭା ଗ୍ରାମରେ ଥିବା ତାଙ୍କ ଘରକୁ ଆସିଥିଲେ । ପ୍ରେମିକାଙ୍କ ବାପା ଏବଂ ୮ରୁ ୧୦ ଗ୍ରାମବାସୀ ଏଥିରେ ଆପତ୍ତି ପ୍ରକାଶ କରି ଆୟୁଷଙ୍କୁ ଏକ ଗଛରେ ବାନ୍ଧି ତାଙ୍କୁ ପ୍ରଥମେ ଲଣ୍ଡା କରିଥିଲେ । ପରେ ସେମାନେ ତାଙ୍କୁ ଅନବରତ ମାଡ଼ ମାରିଥିଲେ । ଫଳରେ ଆୟୁଷଙ୍କର ମୃତ୍ୟୁ ହୋଇଯାଇଥିଲା । ରବିବାର ପୋଲିସ ଆୟୁଷଙ୍କ ମୃତ୍ୟୁକୁ ନେଇ ତାଙ୍କ ପ୍ରେମିକାଙ୍କ ବାପା ଏବଂ ଗ୍ରାମର ଅନ୍ୟ ୩ ବ୍ୟକ୍ତିଙ୍କୁ ଗିରଫ କରିଛି । ପୋଲିସ ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି । ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି ।

# ଚିଦାମ୍ବରମଙ୍କ ବୟାନକୁ ନେଇ ରାଜନୀତି ହେଲା ସରଗରମ



ନୂଆଦିଲ୍ଲୀ, ୨୮ ।୭: ଲୋକ ସଭାରେ ଖୁବ ଶୀଘ୍ର ପହଲଗାମ ଆକ୍ରମଣ ଏବଂ ଅପରେଶନ ସିନ୍ଦୂର ଉପରେ ଆଲୋଚନା କରାଯିବ । ସଂସଦରେ ଆଲୋଚନା ପୂର୍ବରୁ ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମ ଏପରି ଏକ ବୟାନ ଦେଇଥିଲେ, ଯାହା ପରେ ଏକ ବଡ଼ ରାଜନୈତିକ ହଙ୍ଗାମା ସୃଷ୍ଟି ହୋଇଥିଲା । ଏକ ସାକ୍ଷାତକାର ସମୟରେ ପି ଚିଦାମ୍ବରମ କହିଥିଲେ ଯେ ପହଲଗାମ ଆକ୍ରମଣରେ ଘରୋଇ ଆତଙ୍କବାଦୀମାନେ ସାମିଲ ହୋଇପାରନ୍ତି । ସେ ପଚାରିଥିଲେ ଯେ ପ୍ରମାଣରୁ ଜଣାପଡୁଛି ଯେ ଆତଙ୍କବାଦୀମାନେ ପାକିସ୍ତାନରୁ ଆସିଥିଲେ । ପି ଚିଦାମ୍ବରମଙ୍କ ଏହି ବୟାନ ପରେ, ଭାଜପା କଂଗ୍ରେସ ଉପରେ ଆକ୍ରମଣାତ୍ମକ ହୋଇଗଲାଣି । ବିଜେପି ଅଭିଯୋଗ କରିଛି ଯେ କଂଗ୍ରେସ ସର୍ବଦା ଶତ୍ରୁକୁ ରକ୍ଷା କରିବା ପାଇଁ ପଛକୁ ହଟିଥାଏ । ଏହି ସମୟରେ, ଚିଦାମ୍ବରମଙ୍କ ଏହି ବୟାନ ଉପରେ ଭାଜପା ଆକ୍ରମଣାତ୍ମକ ହୋଇଗଲାଣି । ଭାଜପା ଆଇଟି ସେଲ ମୁଖ୍ୟ ଅମିତ ମାଲବ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ପି ଚିଦାମ୍ବରମଙ୍କ ସାକ୍ଷାତକାରର ଏକ ଭିଡିଓ ଶେୟାର କରିଛନ୍ତି । ଏହା ସହିତ, ସେ ଲେଖିଛନ୍ତି ଯେ ୟୁପିଏ ଯୁଗର ପୂର୍ବତନ ଗୃହମନ୍ତ୍ରୀ ଏବଂ କୁଖ୍ୟାତ ଭଗୁଆ ଆତଙ୍କବାଦ ତତ୍ତ୍ୱର ମୂଳ ପ୍ରବର୍ତ୍ତକ ପି. ଚିଦାମ୍ବରମ ପୁଣି ଥରେ ଗର୍ବ ଅନୁଭବ କରୁଛନ୍ତି: ସେମାନେ (ଏନଆଇଏ) ଆତଙ୍କବାଦୀମାନଙ୍କୁ ଚିହ୍ନଟ କରିଛନ୍ତି କି ସେମାନେ କେଉଁଠାରୁ ଆସିଛନ୍ତି ? ଆମେ ଯେତେଦୂର ଜାଣିଛୁ, ସେମାନେ ସ୍ଥାନୀୟ ଆତଙ୍କବାଦୀ ହୋଇପାରନ୍ତି । ଆପଣ କାହିଁକି ଅନୁମାନ କରୁଛନ୍ତି ଯେ ସେମାନେ ପାକିସ୍ତାନରୁ ଆସିଛନ୍ତି ? ଏହାର କୌଣସି ପ୍ରମାଣ ନାହିଁ ।' ପୋଷ୍ଟରେ ମାଲବ୍ୟ ଆହୁରି କହିଛନ୍ତି ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପୁଣିଥରେ କଂଗ୍ରେସ ପାକିସ୍ତାନକୁ କ୍ଲିନ ଚିଟ ଦେବାକୁ ତତ୍ପର ହୋଇଛି । ଯେତେବେଳେ ଆମର ସେନା ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ସମ୍ମୁଖୀନ ହୁଏ, ସେତେବେଳେ କାହିଁକି କଂଗ୍ରେସ ନେତାମାନେ ଭାରତ ପାଇଁ ବିରୋଧୀଙ୍କ ଅପେକ୍ଷା ଇସଲାମାବାଦର ପ୍ରତିରକ୍ଷା ଓକିଲ ପରି ଦେଖାଯାଆନ୍ତି ? ଯେତେବେଳେ ଜାତୀୟ ସୁରକ୍ଷା କଥା ଆସେ, ଏଥିରେ କୌଣସି ଅସ୍ୱଷ୍ଟତା ରହିବା ଉଚିତ ନୁହେଁ । କିନ୍ତୁ କଂଗ୍ରେସ ସହିତ ଏହା କେବେବି ନୁହେଁ – ସେମାନେ ସର୍ବଦା ଶତ୍ରୁକୁ ସୁରକ୍ଷା ଦେବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତି । ସୂଚନାଯୋଗ୍ୟ, ଏକ ସାକ୍ଷାତକାର ସମୟରେ ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମ କେନ୍ଦ୍ର ସରକାରଙ୍କୁ ଆକ୍ଷେପ କରି କହିଥିଲେ ଯେ ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ଗତ କିଛି ସପ୍ତାହରେ କ'ଣ କରିଛି ତାହା କହିବାକୁ ମଧ୍ୟ ସେମାନେ ପ୍ରସ୍ତୁତ ନୁହଁନ୍ତି । ଚିଦାମ୍ବରମ ଆହୁରି କହିଛନ୍ତି, 'ସେମାନେ ଆତଙ୍କବାଦୀଙ୍କୁ ଚିହ୍ନଟ କରିଛନ୍ତି କି ? ସେମାନେ କେଉଁଠାରୁ ଆସିଥିଲେ ? ଚିଦାମ୍ବରମ ଆହୁରି କହିଛନ୍ତି ଯେ କିଏ ଜାଣେ ଯେ ସେମାନେ ଦେଶ ଭିତରେ ପ୍ରସ୍ତୁତ ଆତଙ୍କବାଦୀ । ଆପଣ କାହିଁକି ଭାବିଲେ ଯେ ସେମାନେ ପାକିସ୍ତାନରୁ ଆସିଥିଲେ ? ଏହାର କୌଣସି ପ୍ରମାଣ ନାହିଁ । ସେମାନେ (ସରକାର) ଭାରତକୁ ହୋଇଥିବା କ୍ଷତିକୁ ମଧ୍ୟ ଲୁଚାଉଛନ୍ତି । ଚିଦମ୍ବରମଙ୍କ ବୟାନ ରାଜନୈତିକ ଝଡ଼ ସୃଷ୍ଟି କରିଛି । ସେହି ସମୟରେ, କଂଗ୍ରେସ ପି ଚିଦମ୍ବରମଙ୍କ ବୟାନରୁ ନିଜକୁ ଦୂରେଇ ରଖିଛି । ସମ୍ବାଦ ସଂସ୍ଥା ଏଏନଆଇ ସହିତ କଥାବାର୍ତ୍ତା କରି, କଂଗ୍ରେସ ଏମପି ଗୌରବ ଗୋଗୋଇ ଚିଦମ୍ବରମଙ୍କ ବୟାନରୁ ନିଜକୁ ଦୂରେଇ ରଖିଛନ୍ତି । ଗୋଗୋଇ କହିଛନ୍ତି ଯେ ଏହି ମାମଲାରେ କେବଳ ଚିଦମ୍ବରମ ହିଁ ଅଧିକ ସୂଚନା ଦେଇପାରିବେ ।

## ଇଜିଜେଟ୍ ବିମାନର ଜରୁରୀକାଳୀନ ଅବତରଣ



ନୂଆଦିଲ୍ଲୀ : ଲୁଟନରୁ ବ୍ରିଟେନର ଗ୍ଲାସଗୋକୁ ଯାଉଥିବାବେଳେ ଏକ ଇଜିଜେଟ୍ ବିମାନର ଜରୁରୀକାଳୀନ ଅବତରଣ କରାଯାଇଛି । ଜଣେ ଯାତ୍ରୀଙ୍କ କାରଣରୁ ପାଇଲଟଙ୍କୁ ଅବତରଣ କରିବାକୁ ପଡିଥିଲା । 'ଆମେରିକା ଡାଉନ୍ ୱିଥ୍ ଟ୍ରମ୍ପ' ଏବଂ 'ଟ୍ରମ୍ପ ଡାଉନ୍ ୱିଥ୍ ଟ୍ରମ୍ପ' ସ୍ଲୋଗାନ ଦେଇଥିବା ଶୁଣିବାକୁ ମିଳିଥିଲା । ସୂଚନାନୁଯାୟୀ, ଜଣେ ବ୍ୟକ୍ତି ବିମାନ ଭିତରେ ଆଲ୍ଲାହୁ ଆକବର, ବିମାନରେ ବୋମା ଅଛି କହି ଜୋରରେ ଚିତ୍କାର କରିବା ଆରମ୍ଭ କରିଥିଲେ । ଏଥି ସହିତ ଟ୍ରମ୍ପ ମୁର୍ଦ୍ଦାବାଦ ,ବଂ ଆମେରିକା ମୁର୍ଦ୍ଦାବାଦ କହିବାକୁ ଲାଗିଥିଲେ । ଟଏଲେଟରୁ ବାହାରି ଏଭଳି ଡ୍ରାମା କରିବା ଆରମ୍ଭ କରିଥିଲେ । ବିମାନକୁ ବୋମାରେ ଉଡାଇ ଦେବାର ଧମକ ମଧ୍ୟ ଦେଇଥିଲେ ବ୍ୟକ୍ତି ଜଣକ । ଏପରି ପରିସ୍ଥିତିରେ ତାଙ୍କୁ କାବୁ କରିବା ପାଇଁ ଯାତ୍ରୀମାନେ ସହଯୋଗ କରିଥିଲେ । ଇଞ୍ଜଉ ସହିତ ଯୋଗାଯୋଗ କରିବା ପରେ ବିମାନକୁ ଗ୍ଲାସଗୋ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରାଯାଇଥିଲା । ଏହା ସହିତ ସରକାରଙ୍କ ବିରୋଧରେ ସ୍ଲୋଗାନ ଏବଂ ବୋମା ଧମକ ଦେଉଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ବ୍ୟକ୍ତିଙ୍କ ବୟସ ୪୧ ବର୍ଷ ବୋଲି ଜଣାପଡିଛି । ଏହା ବ୍ୟତୀତ ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି, କୌଣସି ଯାତ୍ରୀଙ୍କର କୌଣସି କ୍ଷତି ହୋଇନାହିଁ । ଅନ୍ୟପଟେ ଗତ କିଛି ଦିନ ଧରି ଲଗାତାର କୌଣସି ନା କୌଣସି ବିମାନର ଜରୁରୀକାଳୀନ ଅବତରଣ ଘଟୁଛି । ୨୨ ଜୁଲାଇ ୨୦୨୫ରେ ଡାଲାମାନ-ଏଡିନବର୍ଗ ବିମାନ ଋଣଣ୩୨୮୨ର ଜରୁରୀକାଳୀନ ଅବତରଣ କରାଯାଇଥିଲା । ୨୧ ଜୁଲାଇରେ ମଧ୍ୟ ଏୟାର ଇଣ୍ଡିଆର କୋଚି-ମୁମ୍ବାଇ ବିମାନ ଇଓ-୨୭୪୪ ର ଦୁର୍ଘଟଣାଜନିତ ଅବତରଣ ହୋଇଥିଲା । ସେହିପରି ବିମାନଟି ରନୱେ ୨୭ ରୁ ବାହାରି ଟ୍ୟାକ୍ସିୱେରେ ଅଟକି ଯାଇଥିଲା, ଯାହା ଫଳରେ ଇଞ୍ଜିନ କ୍ଷତିଗ୍ରସ୍ତ ହୋଇଥିଲା । ଏହା ପୂର୍ବରୁ ୧୬ ଜୁଲାଇରେ ମଧ୍ୟ ଦିଲ୍ଲୀରୁ ଗୋଆ ଯାଉଥିବା ଇଣ୍ଡିଗୋ ବିମାନ ୬ର ୨୧୭୬ର ଗୋଟିଏ ଇଞ୍ଜିନ ଫେଲ୍ ହେବା ଯୋଗୁଁ ମୁମ୍ବାଇରେ ଜରୁରୀକାଳୀନ ଅବତରଣ କରିବାକୁ ପଡିଥିଲା ।

## ମନସା ଦେବୀ ମନ୍ଦିର ପରେ ବାରବାଙ୍କି ମନ୍ଦିରରେ ଦଳାଚକଟା ୨ ମୃତ

ବାରବାଙ୍କି, ୨୮ ।୭: ଉତ୍ତରାଖଣ୍ଡର ହରିଦ୍ୱାର ଜିଲାର ମନସା ଦେବୀ ମନ୍ଦିରରେ ଦଳାଚକଟା ଘଟଣାର ଠିକ ପରଦିନ, ଶ୍ରାବଣ ମାସର ତୃତୀୟ ସୋମବାରରେ ଉତ୍ତର ପ୍ରଦେଶର ବାରବାଙ୍କି ଜିଲାରେ ଏକ ବଡ଼ ଦୁର୍ଘଟଣା ଘଟିଛି । ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ, ପୌରାଣିକ ଐସାନେଶ୍ୱର ମହାଦେବ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଛି । ସେଠାରେ ବହୁ ସଂଖ୍ୟକ ଲୋକ ଦର୍ଶନ କରିବାକୁ ପହଞ୍ଚିଛନ୍ତି । ଏହି ସମୟରେ ଏକ ବଡ଼ ଦୁର୍ଘଟଣା ଘଟିଛି । ସେଠାରେ ବିଦ୍ୟୁତ ତାର ଛିଣ୍ଡି ପଡ଼ିଥିଲା ଫଳରେ ଟିନ ସେଡ ଦେଇ କରେଣ୍ଟ ଯାଇଥିଲା । ବିଦ୍ୟୁତ କରେଣ୍ଟ ଯୋଗୁ ଦଳାଚକଟା ହୋଇଥିଲା । ଏହି ଦୁର୍ଘଟଣାରେ ଦେଢ଼ ଡଜନରୁ ଅଧିକ ଶିବ ଭକ୍ତ ଆହତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବାରବାଙ୍କି ଜିଲାରେ ଦୁର୍ଘଟଣା ସମ୍ପର୍କରେ ଅବଗତ ହୋଇଛନ୍ତି । ଶୋକସନ୍ତପ୍ତ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ଯୋଗୀ ସମବେଦନା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ



ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆହତଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନା ପଠାଇଛନ୍ତି ଏବଂ ଜିଲ୍ଲା ପ୍ରଶାସନ ଅଧିକାରୀମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ପହଞ୍ଚି ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବାରାବଙ୍କୀ ଜିଲାର ତ୍ରିବେଦୀଗଞ୍ଜ ଉଐଉକୁ ତରବରରେ ମୋଟ ୧୦ ଜଣ ଆହତଙ୍କୁ ଅଣାଯାଇଛି, ଯେଉଁଥିରୁ ୫ ଜଣ ଭକ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରେଫର କରାଯାଇଛି । ଏହି ଦଳାଚକଟାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ସେହିପରି ଆହତ ଭକ୍ତଙ୍କୁ ହାଇଦରଗଡ଼ ଏବଂ ତ୍ରିବେଦୀଗଞ୍ଜ ଉଐଉରେ ଚିକିତ୍ସା କରାଯାଉଛି, ଯେଉଁଥିରୁ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ରେଫର କରାଯାଇଛି । ଦୁର୍ଘଟଣା ପରେ ମନ୍ଦିର ପରିସର ଏବଂ ଉକ୍ତ ଅଞ୍ଚଳରେ ଏକ ଅଶାନ୍ତିର ପରିବେଶ ସୃଷ୍ଟି ହୋଇଛି । ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି । ଘଟଣା ବିଷୟରେ ସୂଚନା ଦେଇ ଡିଏମ କହିଛନ୍ତି ଯେ ମାଙ୍କଡ଼ ଦ୍ୱାରା ଭାଙ୍ଗିଯାଇଥିବା ପୁରୁଣା ବିଦ୍ୟୁତ ତାର ଯୋଗୁ ଟିଣ ସେଡରେ କରେଣ୍ଟ ଲାଗିଛି ଏବଂ ଭକ୍ତମାନେ ଏହାର କବଳରେ ଆସିଯାଇଛନ୍ତି । ଜିଲା ମାଜିଷ୍ଟ୍ରେଟ ଶଶାଙ୍କ ତ୍ରିପାଠୀଙ୍କ ଅନୁଯାୟୀ, ଆହତମାନଙ୍କୁ ଚିକିତ୍ସା ପାଇଁ ସିଏଚସି ହାଇଦରଗଡ଼ ଏବଂ ତ୍ରିବେଦୀଗଞ୍ଜକୁ ପଠାଯାଇଛି ।

## ଦେଶରେ ବଢ଼ିଚାଲିଛି ଧନୀ-ଗରିବ ତାରତମ୍ୟ

ନୂଆଦିଲ୍ଲୀ : ଭାରତରେ ଆର୍ଥିକ ଅସମାନତା କମିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଗରିବୀ ହଟାଅ ସ୍ଲୋଗାନ ଧୂଆଁବାଣ ସାବ୍ୟସ୍ତ ହୋଇଛି । ଲୋକଙ୍କ ଆୟ ବଢ଼ିବା ବଦଳରେ ବ୍ୟୟ ବଢୁଥିବା ବେଳେ ଦେଶରେ ଧନୀ ଅଧିକ ଧନବାନ ହେବାରେ ଲାଗିଛନ୍ତି । ଏକ ପ୍ରତିଶତ ଧନୀ ପରିବାରଙ୍କ ପାଖରେ ପ୍ରାୟ ୧୧.୬ ଲକ୍ଷ କୋଟି ଡଲାରର ମୋଟ ସମ୍ପତ୍ତି ରହିଛି । ଏଥିରେ ପ୍ରାୟ ୨.୭ ଲକ୍ଷ କୋଟିର ଲିକୁଇଡ ଆର୍ଥିକ ସମ୍ପତ୍ତି ରହିଛି । ଏହି ଧନୀଙ୍କ ବର୍ଦ୍ଧିତ ଆର୍ଥିକ ସମ୍ପତ୍ତି ଧନର ପରିଚାଳନା କରୁଥିବା କମ୍ପାନୀଙ୍କ ଲାଗି ବଡ଼ ସୁଯୋଗ ସୃଷ୍ଟି କରିଛି । ବର୍ଣ୍ଣଷ୍ଟିନ୍ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ଏଥିରେ କୁହାଯାଇଛି ଯେ ଭାରତର ସବୁଠୁ ଅଧିକ ଧନୀ ପରିବାର ଆହୁରି ଅଧିକ ଧନୀ ହେବାକୁ ଯାଉଛନ୍ତି । ଏହାଦ୍ୱାରା ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି । ଏହି ଧନୀଙ୍କ ଲିକୁଇଡ୍ ସମ୍ପତ୍ତିରେ ବ୍ୟାଙ୍କ ଜମା ଏବଂ ଅଣ-ପ୍ରମୋଟରଙ୍କ ଇକ୍ୱିଟ ସେୟାର ସାମିଲ ରହିଛି । ଭାରତୀୟ ପରିବାର ଧିରେ ଧିରେ ନିଜ ବର୍ଦ୍ଧିତ ସଞ୍ଚୟ ଏବଂ ଧନର ସିଂହ ଭାଗକୁ ଆର୍ଥିକ ସମ୍ପତ୍ତିରେ ସ୍ଥାନାନ୍ତର କରୁଛନ୍ତି । ଭାରତର ପୁଞ୍ଜି ବଜାରରେ ଏଭଳି ଯୋଗଦାନ ବୃଦ୍ଧି ପାଇବାରେ ଲାଗିଛି । ଅତି ଧନୀ ଲୋକ ଆଇପିଓ ଏବଂ ବ୍ଲକ୍ ଡିଲ୍ ମାଧ୍ୟମରେ ପ୍ରମୋଟର ହୋଲ୍ଡିଙ୍ଗସ୍‌କୁ ଲିକୁଇଡ ସମ୍ପତ୍ତିରେ ବଦଳାଉଛନ୍ତି । ଏମାନେ ପୁଞ୍ଜି ବଜାର ବୃଦ୍ଧିର ଲାଭ ଉଠାଉଛନ୍ତି । ସେହିପରି ଷ୍ଟାର୍ଟଅପ୍ ଇକୋସିଷ୍ଟମରୁ ଧନୀ ବ୍ୟକ୍ତିଙ୍କ ଏକ ନୂଆ ବର୍ଗ ବାହାରିଛି । ଏଥିରେ ପ୍ରତିଷ୍ଠାତା ଏବଂ ପ୍ରାରମ୍ଭିକ କର୍ମଚାରୀ ସାମିଲ ଅଛନ୍ତି । ଏମାନଙ୍କ ମଧ୍ୟରେ ହାଇ ନେଟୱର୍ଥ ଇଣ୍ଡିଭିଜୁଆଲ (ଏଚଏନଆଇ)ଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି । ଅତ୍ୟଧିକ ଧନୀ ଲୋକଙ୍କ ଏହି ଗୋଷ୍ଠୀ ନିଜ ବର୍ଦ୍ଧିତ ଆର୍ଥିକ ପୋଟୋଫୋଲିଓର ପରିଚାଳନା ଲାଗି ବୃତ୍ତିଗତ ପରାମର୍ଶଦାତାଙ୍କ ସେବା ନେଉଛନ୍ତି । ତେବେ ପରାମର୍ଶଦାତା ବଜାରରେ ଏବେ ବି ଅଣସଂଗଠିତ କମ୍ପାନୀ ଏବଂ ପାରମ୍ପରିକ ବ୍ୟାଙ୍କର କର୍ତ୍ତୃତ୍ୱ ରହିଛି । ୨.୭ ଲକ୍ଷ କୋଟି ଡଲାରର ଲିକୁଇଡି ଆର୍ଥିକ ସମ୍ପତ୍ତିରେ ସ୍ୱତନ୍ତ୍ର ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ମାତ୍ର ୧୧ ପ୍ରତିଶତ ରହିଛି ।

# ଭୋପାଳରେ ମିଳିବ ଅତ୍ୟାଧୁନିକ ମେଟ୍ରୋ ସେବା



ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ଼କ୍ଟର ଯାଦବ ଭୋପାଳ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଯାହା ମଧ୍ୟପ୍ରଦେଶର ପ୍ରଗତିର ପ୍ରତୀକ । ଯାହାର ଲକ୍ଷ୍ୟ ୨୦୨୫ ଅକ୍ଟୋବର ସୁଦ୍ଧା ପ୍ରାଥମିକ କରିଡର ଏବଂ ୨୦୩୦ ପୂର୍ବରୁ ଉଭୟ ଲାଇନ୍ ଆରମ୍ଭ କରିବା । ଏହି ପ୍ରକଳ୍ପ କାର୍ଯ୍ୟରେ ୬୯୪୧.୪୦ କୋଟି ଟଙ୍କା ଖର୍ଚ୍ଚ କରି ମେଟ୍ରୋରେ ବିକଶିତ କରାଯିବ । ସୂଚନାନୁଯାୟୀ, ଏହି ପ୍ରକଳ୍ପ କାର୍ଯ୍ୟରେ ମୋଟ ୬୯୪୧.୪୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହା ସହିତ ସୁଭାଷ ନଗର ଷ୍ଟେସନରୁ ଇଓଓଗଝ ଷ୍ଟେସନ ପର୍ଯ୍ୟନ୍ତ ପ୍ରାୟ ୨୨୨୫ କୋଟି ଟଙ୍କା ଖର୍ଚ୍ଚ କରି ଏକ ପ୍ରାଥମିକତା କରିଡର ନିର୍ମାଣ କରାଯାଉଛି । ଯାହାର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଅକ୍ଟୋବର ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରି ମେଟ୍ରୋ ପରିଚାଳନା କରିଡରରେ ଆରମ୍ଭ କରିବା ସରକାରଙ୍କ ଲକ୍ଷ୍ୟ ରହିଛି ।ଏହା ସହିତ ୨୦୩୦ ପୂର୍ବରୁ ଭୋପାଳ ମେଟ୍ରୋର ଉଭୟ କରିଡରକୁ ସମ୍ପୂର୍ଣ୍ଣ ଭାବରେ ଆରମ୍ଭ କରିବା । ଯଦି ଏହାର ଡିଜାଇନ୍ ସମ୍ପର୍କରେ କୁହାଯାଏ ତେବେ ଏହାର କାର୍ଯ୍ୟକ୍ଷମ ଗତି ଘଣ୍ଟା ପ୍ରତି ୪୦-୬୦ କିଲୋମିଟର ହେବ । ପ୍ରତ୍ୟେକ ମେଟ୍ରୋ ଷ୍ଟେସନ ମଧ୍ୟରେ କେବଳ ୨ ମିନିଟ୍ ସମୟ ଲାଗିବ । ଯେଉଁଥିରେ ଯାତ୍ରୀମାନଙ୍କ ପାଇଁ ଏସ୍କାଲେଟର, ଲିଫ୍ଟ, ବ୍ରେଲ୍ ସାଇନେଜ୍, ବିଶୁଦ୍ଧ ପାନୀୟ ଜଳ, ସଫା ଶୌଚାଳୟ ଏବଂ ଶୀଘ୍ର ସୂଚନା ଭଳି ସମସ୍ତ ପ୍ରକାରର ଆଧୁନିକ ସୁବିଧା ରଖାଯିବ । ଏହା ବ୍ୟତୀତ ମେଟ୍ରୋ ଟ୍ରେନରେ ଦିବ୍ୟାଙ୍ଗଙ୍କ ପାଇଁ ଏକ ସୁବିଧା ପ୍ରସ୍ତୁତ କରୁଛି । ଯାହା ସମସ୍ତ ମେଟ୍ରୋ ଷ୍ଟେସନରେ ଦିବ୍ୟାଙ୍ଗଙ୍କ ପାଇଁ ସହଜ ପରିବହନର ସୁବିଧା ରହିବ । ଭୋପାଳ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ପାଇଁ ମୋଟ ୨୭ଟି ଅତ୍ୟାଧୁନିକ ମେଟ୍ରୋ ଟ୍ରେନ୍ ସେଟ୍ ରହିବ । ସେଥିମଧ୍ୟରୁ ୭ଟି ଟ୍ରେନ୍ ସେଟ୍ ଭୋପାଳରେ ପହଞ୍ଚି ସାରିଛି । ମେଟ୍ରୋ କେବଳ ଆରାମଦାୟକ ଯାତ୍ରା ପ୍ରଦାନ କରିବ ନାହିଁ, ବରଂ ଏହା ପରିବେଶ ସୁରକ୍ଷା ଏବଂ ପ୍ରଦୂଷଣ ନିୟନ୍ତ୍ରଣରେ ମଧ୍ୟ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିବ । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଡକ୍ଟର ଯାଦବ ମଧ୍ୟ ଇନ୍ଦୋର ମେଟ୍ରୋ ଟ୍ରେନର ବାକି କାମର ଅଗ୍ରଗତି ବିଷୟରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ସେ କହିଛନ୍ତି ଯେ, ଇନ୍ଦୋରରେ ମେଟ୍ରୋ ଟ୍ରେନ ସେବା ଆରମ୍ଭ ହୋଇଛି । ସରକାରଙ୍କ ଲକ୍ଷ୍ୟ ହେଉଛି ଇନ୍ଦୋର ମେଟ୍ରୋର ସମ୍ପୂର୍ଣ୍ଣ ଅଂଶ । ଯାହା ସୁପର କରିଡରରୁ ମାଲବ୍ୟ ନଗର ସ୍କୋୟାର (ରାଡିସନ ସ୍କୋୟାର) ପର୍ଯ୍ୟନ୍ତ, ଏହି ବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବା ଉଚିତ । ଏହା ଇନ୍ଦୋର ସହରର ଲୋକମାନଙ୍କୁ ପୂର୍ଣ୍ଣ ମେଟ୍ରୋ ଟ୍ରେନ ସୁବିଧା ପ୍ରଦାନ କରିବ । ଆମ ସରକାର ଇନ୍ଦୋର ଏବଂ ଭୋପାଳରେ ବିଶ୍ୱସ୍ତରୀୟ ମେଟ୍ରୋ ଟ୍ରେନ ସେବା ସମୟ ସୀମା ମଧ୍ୟରେ ଆରମ୍ଭ ହେବ । ଯାହା ଦ୍ୱାରା ସାଧାରଣ ଜନତା ସାର୍ବଜନୀନ ପରିବହନର ଏକ ସରଳ, ଆରାମଦାୟକ, ସହଜ, ଉତ୍ତମ ଏବଂ ସୁରକ୍ଷିତ ମାଧ୍ୟମ ପାଇପାରିବେ ।

## ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିବ ଟିସିଏସ୍ !




ନୂଆଦିଲ୍ଲୀ : ଭାରତର ସବୁଠୁ ବଡ଼ ଆଇଟି କମ୍ପାନୀ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଆର୍ଥିକ ବର୍ଷ ୨୦୨୬ରେ ନିଜର ୨% କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି । ଟିସିଏସ୍ ସିଇଓ କେ. କ୍ରିତିବାସନ୍ ଏହି ସଙ୍କେତ ଦେଇଛନ୍ତି । ଏପରି ହେଲେ ଟିସିଏସ୍‌ର ପ୍ରାୟ ୧୨,୨୦୦ କର୍ମଚାରୀ ଚାକିରି ହରାଇବେ । କମ୍ପାନୀର ମିଡିଲ ଏବଂ ସିନିୟର ଲେଭଲ ମ୍ୟାନେଜମେଣ୍ଟ ଏହି ଛଟେଇ ପ୍ରକ୍ରିୟାରେ ସର୍ବାଧିକ ପ୍ରଭାବିତ ହେବ । ଟିସିଏସ୍ ଏଆଇକୁ ଆପଣାଇବା ସହ ଅପରେଟିଂ ମଡେଲରେ ପରିବର୍ତ୍ତନ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି । କାମ କରିବା ଶୈଳୀ ବଦଳୁଛି । ତେଣୁ ଭବିଷ୍ୟତ ପାଇଁ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ସମ୍ପ୍ରତି କମ୍ପାନୀ ପକ୍ଷରୁ ଏଆଇର ବ୍ୟାପକ ବ୍ୟବହାର କରାଯାଉଛି ।

